## ୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାମରେ ଏତଲା

ଲହୁଣୀପଡ଼ା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ବ୍ଲକ ଅଞ୍ଚଳରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରୀ କରିଥିବା ୬ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାମରେ ଏତଲା ଦିଆଯାଇଛି। ଲହୁଣୀପଡ଼ା ବ୍ଲକ ଶିକ୍ଷାଧିକାରୀ ମହେନ୍ଦ୍ର ସରନିଆ ଲହୁଣୀପଡ଼ା ଓ କେ.ବଲାଙ୍ଗ ଥାନାରେ ଏତଲା ଦେଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଜାଲ୍ ସାର୍ଟିଫିକେଟ ଦେଇ ଲହୁଣୀପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଚାକିରୀ କରି ଆସୁଥିବା ଅଭିଯୋଗରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ଲହୁଣୀପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ କରିଆସିଥିଲେ। ସେଥିମଧ୍ୟରୁ ଜଣେ ଅବସରଗ୍ରହଣ କରି ସାରିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

**ସଂକ୍ଷେପରେ**

### ବାରହ୍ମା ମାଂସ ଜବତ, ୨ ଗିରଫ



ରେଢ଼ାଖୋଲ,୨।୯ (ଡି.ଏନ.ଏ.): ରେଢ଼ାଖୋଲ ବନଖଣ୍ଡର ବଡମାଳ ରେଞ୍ଜ ଅନ୍ତର୍ଗତ ଗରଗଡବାହାଲ ପଞ୍ଚାୟତର ଲମଟିଦାଦର ଜଙ୍ଗଲରୁ ବୁଧବାର ରାତିରେ ବାର୍ହା ଶିକାର କରିବା ଅଭିଯୋଗରେ ବଡମାଳ ବନ କର୍ମଚାରୀ ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ଲମଟିଦାଦର ଗ୍ରାମର ଅନି ମିର୍ଦ୍ଧା (୬୦) ଓ ପିତାମ୍ବର ସାହୁ (୫୫)। ସେମାନଙ୍କଠାରୁ ପ୍ରାୟ ୮ କେଜି ବାର୍ହା ମାଂସ, ବାର୍ହା ଗୋଡ, ଲାଞ୍ଜ ଓ ପୁଟା ଜବତ କରଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୧୪ ଜଣ ଫେରାର ହୋଇଯାଇଥିବା ରେଞ୍ଜ ଅଧିକାରୀ ପ୍ରଦୀପ କୁମାର ସେଠୀ କହିଛନ୍ତି। ସୂଚନା ମତେ ବୁଧବାର ରାତିରେ ଲମଟିଦାଦର ଗ୍ରାମର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ଲୋକ ନିକଟସ୍ଥ ଜଙ୍ଗଲରୁ ଏକ ବାର୍ହା ଶିକାର କରି ଭାଗବଣ୍ଟା କରୁଥିବା ସୂଚନା ପାଇ ବନ କର୍ମଚାରୀ ଚଢାଉ କରିଥିଲେ। ଶୁକ୍ରବାର ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି। ଚଢାଉରେ ରେଞ୍ଜ ଅଧିକାରୀ ସେଠୀଙ୍କ ସହ ଫରେଷ୍ଟର ଶ୍ରୀବତ୍ସ କିସାନ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।

### ଖର୍ଲା ଗ୍ରାମବାସୀ ମଦ ଜବତ କରି ଥାନାରେ ଦେଲେ

ବଡ଼ଗାଁ,୨।୯(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରେ ଦେଶୀବିଦେଶୀ ମଦବିକ୍ରି ବଢିଚାଲିଛି। ପ୍ରାୟ ଅଧିକାଂଶ ଗ୍ରାମରେ ମଦ ଅବାଧରେ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ ବିଭାଗ ଚେଇଁ ଶୋଇଛି। ଗ୍ରାମବାସୀ ଗାଁରେ ମଦବିକ୍ରି ବନ୍ଦ କରିବା ପାଇଁ ଚେଷ୍ଟା କରି ଆସୁଥିଲେ ମଧ୍ୟ ସେମାନଙ୍କୁ ବିଭାଗୀୟ କର୍ମଚାରୀଙ୍କ ସହଯୋଗ ମିଳୁନି। ବଡ଼ଗାଁ ଥାନା ଅନ୍ତର୍ଗତ ଖର୍ଲା ଗ୍ରାମର ବିନୋଦ ନାଏକ, ମନୋଜ ପଟେଲ, ଦିବ୍ୟଲୋଚନ ସା, ଦୁଷ୍ମନ୍ତ ସା, ମୁରଲି ପଟେଲ ପ୍ରମୁଖ ଗ୍ରାମବାସୀ ଗତମାସ ୧୦ ଓ ୨୨ ତାରିଖ ବୈଠକ କରି ଗାଁରେ କେହି ମଦବିକ୍ରି ନ କରିବାକୁ ସହମତି କ୍ରମେ ପ୍ରସ୍ତାବ ଗୃହୀତ କରିଥିଲେ। କିନ୍ତୁ ଗତ ୧ ତାରିଖ ଜେମା ଗୁଡ଼ିଆ ମଦବିକ୍ରି କରୁଥିବା ଗ୍ରାମବାସୀ ଜାଣିପାରିଥିଲେ। ଅପରାହ୍ଣ ସାଢେ ୩ଟାରେ ଟିକିଲିପଡ଼ାର ଅଜୟ ନାମକ ଜଣେ ଯୁବକ ଜେମାଙ୍କ ଘରୁ ଦେଶୀମଦ ୩ଲିଟର ନେଲାବେଳେ ଜବତକରି ଗୁରୁବାର ଥାନାରେ ଜିମାଦେଇ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଯେ, ବଡ଼ଗାଁ ସମେତ ଅଞ୍ଚଳର ଅନେକ ଗ୍ରାମରେ ପାନଦୋକାନ, ରାଶନ ଦୋକାନ ଓ ଘରେ ଦେଶୀବିଦେଶୀ ମଦ ବିକ୍ରି ହେଉଥିଲେ ମଧ୍ୟ ଅବକାରୀ କର୍ମଚାରୀ ଆଖି ବନ୍ଦ କରିଦେଇଥିବା ପରିଲକ୍ଷିତ ହୋଇଛି।

### କବି ବିନୋଦ ଚନ୍ଦ୍ରଙ୍କ ଜୟନ୍ତୀ

ଝାରସୁଗୁଡ଼ା ଅଫିସ,୨।୯: ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ତରଫରୁ ଗୁରୁବାର ବିଶିଷ୍ଟ କବି ତଥା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ବିନୋଦ ଚନ୍ଦ୍ର ନାୟକଙ୍କ ୧୦୩ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାପର୍ଣ କରିଥିଲେ। ପରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧକ୍ଷ ଲେଫ୍ଟନାଣ୍ଟ ବିଭୂତି ଭୂଷଣ ଦାଶଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ହୋଇଥିଲା। ଏଥିରେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଅଧାପିକା ମନ୍ଦାକିନୀ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କବିଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ। ପ୍ରାଧାପକ ସରୋଜ କୁମାର କୁଅଁର ଯୋଗଦେଇ କବିଙ୍କ 'ଗ୍ରାମପଥ' କବିତାକୁ ପୁନର୍ବାର ହାଇସ୍କୁଲ ପାଠ୍ୟକ୍ରମରେ ସାମିଲ କରିବାକୁ ପ୍ରସ୍ତାବ ରଖିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଡ. ଲାଲଧାରି ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖୋଲିଲା ଏମ୍‌ପିଙ୍କ ଚିଠି ରହସ୍ୟ

ସମ୍ବଲପୁର,୨।୯(ବ୍ୟୁରୋ)

**ସୂଚନା ମନ୍ତ୍ରଣାଳୟରେ ନାହିଁ ସୂଚନା**

ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ଲେଟର ପ୍ୟାଡ୍‌ରେ ଦୂରଦର୍ଶନ କେନ୍ଦ୍ର ସମ୍ପର୍କିତ ଚିଠିର ସତ୍ୟତାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି କୌଣସି ଚିଠି ଆସି ନ ଥିବା ନେଇ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟରୁ ଆର୍‌ଟିଆଇରେ ମିଳିଥିବା ରିପୋର୍ଟରୁ ଜଣାପଡିଛି। ଜୁଲାଇ ୭ରେ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ର ପୁନଃ କାର୍ଯ୍ୟକ୍ଷମ କରାଯାଉ ବୋଲି ଏମ୍‌ପି ଗଙ୍ଗଦେବ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ସବିଶେଷ ତଥ୍ୟ ସମ୍ବଳିତ ପତ୍ରଲେଖି ଅନୁରୋଧ କରିଥିଲେ। ଏହି ଚିଠିକୁ ନେଇ ଏମ୍‌ପିଙ୍କ ଜଣେ ସମର୍ଥକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ସେ ଏଥିରେ ସମ୍ବଲପୁରବାସୀଙ୍କ ସହ ଏମ୍‌ପି ସବୁବେଳେ ରହିଥିବା ଦର୍ଶାଇଥିଲେ। ଏଥିରେ ସନ୍ଦେହ ପ୍ରକାଶ କରି ସମ୍ବଲପୁରର ଯୁବକ ସୌମେନ୍ଦ୍ର ମୋହନ ହୋତା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ସୂଚନା ଅଧିକାରରେ ତଥ୍ୟ ମାଗିଥିଲେ। ଏମ୍‌ପି ଗଙ୍ଗଦେବ ଦୂରଦର୍ଶନ କେନ୍ଦ୍ରକୁ ନେଇ କୌଣସି ଅନୁରୋଧ କିମ୍ବା ଚିଠି କରିଛନ୍ତି କି ବୋଲି ତଥ୍ୟ ମାଗିଥିଲେ। ହେଲେ ମିଳିଥିବା ତଥ୍ୟ ଅନୁସାରେ ଏମ୍‌ପି ଗଙ୍ଗଦେବଙ୍କ କୌଣସି ଚିଠି ମନ୍ତ୍ରଣାଳୟକୁ ଆସି ନାହିଁ। ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସେପ୍ଟେମ୍ବର ୧ରେ ଉତ୍ତର ଦିଆଯାଇଛି। ଏହାସହ ଯଦି ଏହି ଉତ୍ତରରେ ସନ୍ତୁଷ୍ଟ ନୁହେଁ ଆଉଥରେ ଆବେଦନ କରିପାରିବେ ବୋଲି ଉଲ୍ଲେଖ ରହିଛି। ଏମ୍‌ପିଙ୍କ ଅଜାଣତରେ କିମ୍ବା ଜାଣତରେ ଏହି ଚିଠି କରାଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। କାରଣ ଏମ୍‌ପିଙ୍କ ଚିଠି ୩୧ ଜୁଲାଇ ୨୦୨୧ରେ ରହିଥିବା ବେଳେ କୌଣସି ନମ୍ବର ପକାଯାଇ ନାହିଁ। ଏ ସମ୍ପର୍କରେ ଏମ୍‌ପି ଗଙ୍ଗଦେବ କହିଛନ୍ତି, ଦୂରଦର୍ଶନ କେନ୍ଦ୍ର ବାବଦରେ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି କରାଯାଇଛି। ଏହାର ଉତ୍ତର ଏପର୍ଯ୍ୟନ୍ତ ଆସି ନାହିଁ। ଖୁବ୍‌ଶୀଘ୍ର ମନ୍ତ୍ରଣାଳୟରୁ ଚିଠି ଆସିଯିବ ଓ ଲୋକମାନେ ଜାଣିପାରିବେ। କେହି ଜଣେ ଚକ୍ରାନ୍ତ କରୁଛି ବୋଲି ସେ କହିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କୁ ନେଇ ମହାସଂଘ ଗଠିତ



ନବଗଠିତ ମହାସଂଘ କର୍ମକର୍ତ୍ତାଙ୍କ ସହିତ ଏସ୍‌ଏଚ୍‌ଜି ମହିଳା।

ବଡ଼ଗାଁ,୨।୯(ଡି.ଏନ୍.ଏ.)

**ବଡ଼ଗାଁ ପଞ୍ଚାୟତ**

ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟର ସଭାଗୃହରେ ବୁଧବାର ପୂର୍ବାହ୍ଣରେ ପଞ୍ଚାୟତ ଅଞ୍ଚଳର ୧୦ଟି ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚଜି) ସଦସ୍ୟାମାନଙ୍କୁ ନେଇ ଏସ୍‌ଏଚ୍‌ଜି ମହାସଂଘ ଗଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଲିଟିପଡ଼ା, ବାରତେଙ୍ଗରା, ଇଲେକ୍ଟ୍ରିପଡ଼ା, କିଞ୍ଜିରକେଲା, ବଡ଼ଗାଁ ବସ୍ତି, ଭଣ୍ଡାରପଡ଼ା, ଲିଟିପଡ଼ା, ଥାନାପଡ଼ା, ବନ୍ଧଡିପା ଓ ଲଟାଗାଁର ମୋଟ ୧୦ଟି ଏସ୍‌ଏଚ୍‌ଜିର ପ୍ରାୟ ୬୦ଜଣ ମହିଳା ଯୋଗଦେଇଥିଲେ। ସେଠାରେ ସସ୍ମିତା ପାଣିଗ୍ରାହୀଙ୍କୁ ସଭାନେତ୍ରୀ ଭାବେ ଚୟନ କରାଯାଇଥିଲାବେଳେ ଉପସଭାନେତ୍ରୀ, ସମ୍ପାଦିକା, ସହସମ୍ପାଦିକା ଓ କୋଷାଧକ୍ଷ ଭାବେ ଯଥାକ୍ରମେ ସୌମ୍ୟାରାଣୀ ରାଉତ, ସାଗରିକା କେର୍କେଟା, ସୁପ୍ରିୟା ଘୋଷ ଓ ସସ୍ମିତା ଖିଡ଼ିଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ବୈଠକରେ ବ୍ଲକ ବିପିଏମ୍ ରାଜେଶ କୁଲୁ, ଓଏଲ୍‌ଏମ୍‌ର କର୍ମଚାରୀ ଅନିତା ମାଝି, ବୈଦେହୀ ଦାସ ଓ ନାଏବ ସରପଞ୍ଚ କେଶବ କର୍ସେଲ ଯୋଗଦେଇଥିଲେ। ଓଏଲ୍‌ଏମ୍‌ର କର୍ମଚାରୀମାନେ ମହାସଂଘର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ବୁଝାଇବା ସହିତ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଥିବା ବିଭିନ୍ନ ସରକାରୀ ଯୋଜନା ସହାୟତା ଉପରେ ବୁଝାଇଥିଲେ। ନାଏବ ସରପଞ୍ଚ କର୍ସେଲ, ସରକାର ମହିଳାଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଦେଉଥିବା ଅର୍ଥର ସଦ୍‌ବିନିଯୋଗକରି ସ୍ୱାବଲମ୍ବୀ ହେବାକୁ କହିଥିଲେ।

## ମଡେଲ ମଣ୍ଡି ପରିଦର୍ଶନ କଲେ ପରିଦର୍ଶନକାରୀ ଦଳ

ସୁନ୍ଦରଗଡ଼,୨।୯ (ଡି.ଏନ୍.ଏ.)



ମଡେଲ ମଣ୍ଡି ପରିଦର୍ଶନ କରୁଛନ୍ତି ଜିଲ୍ଲା ପରିଦର୍ଶନକାରୀ ଦଳ।

ଚାଷୀମାନେ କିଭଳି ନିଜର ଉତ୍ପାଦିତ ସାମଗ୍ରୀର ବିକ୍ରୟ ସୁବିଧା ପାଇପାରିବେ ସେଥି ନିମନ୍ତେ ସୁନ୍ଦରଗଡ ସର୍ଗିପାଲି ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସବଡେଗା ବ୍ଲକ କଇଁସରାରେ ନବନିର୍ମିତ ଇ-ନାମ ମଣ୍ଡି ଓ ଟାଙ୍ଗରପାଲି ବ୍ଲକ ଉଜ୍ଜଳପୁର ମଡେଲ ମଣ୍ଡି ପରିଦର୍ଶନ କରିଛନ୍ତି ଜିଲ୍ଲା ପରିଦର୍ଶନକାରୀ ଦଳ। ସୁନ୍ଦରଗଡ଼ ପିଏଆଇଟିଡିଏ ରାମକୃଷ୍ଣ ଗଣ୍ଡ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଉଦ୍ୟାନ ଅଧିକାରୀ ମାନସିଂ ସୋରେଙ୍ଗ, ଓଡିଶା ଜୀବିକା ମିଶନର ଜିଲ୍ଲା ସଂଯୋଜକ ସାମୁଏଲ ଟପ୍ପୋ , ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ବନମାଳୀ ନାଏକ ପ୍ରମୁଖ ଏହି ପରିଦର୍ଶନକାରୀ ଦଳ ଇ-ନାମ ମଣ୍ଡି ଓ ମଡେଲ ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନକାରୀ ଦଳ ଚାଷୀ ମାନଙ୍କର ଉତ୍ପାଦିତ ସାମଗ୍ରୀର ବିକ୍ରୟ ଓ ଖାଦ୍ୟ ପ୍ରକ୍ରିୟାକରଣ ସକାଶେ ହୋଇଥିବା ଅତ୍ୟାଧୁନିକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଏଥିସହ ଉତ୍ପାଦିତ ସାମଗ୍ରୀର ବିକ୍ରୟ ସହ ଚାଷୀ, ବ୍ୟବସାୟୀ ପରିବହନକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟର ସୁବିଧା ପାଇଁ ଇ-ବ୍ୟବସ୍ଥାର କାର୍ଯ୍ୟକାରିତା ବୁଲି ଦେଖିଥିଲେ।

## ବିଜୁ ଜନତା ଦଳ ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ସୁନ୍ଦରଗଡ଼,୨।୯ (ଡି.ଏନ୍.ଏ.)

ବିଜୁ ଜନତା ଦଳ ଜିଲ୍ଲା ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ୧୨ଦଫା ବିଭିନ୍ନ ଦାବି ନେଇ ଗୁରୁବାର ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସାମ୍ମୁଖ୍ୟର ଜିଲ୍ଲା ଆବାହକ ଅଶୋକ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏହି ପ୍ରତିନିଧିଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ରାଉରକେଲା ମହାନଗର ନିଗମରେ ସ୍ଥାପିତ ହୋଇଥିବା ଜାତୀୟ ପତାକା ପରି ଜିଲ୍ଲାର ସମସ୍ତ ପୌରାଞ୍ଚଳରେ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ, ଜିଲ୍ଲାର ରାଉରକେଲା, ସୁନ୍ଦରଗଡ, ବଣାଇଁ, ରାଜଗାଙ୍ଗପୁର ଓ ପଡୋଶୀ ଝାରସୁଗୁଡା ଜିଲ୍ଲାକୁ ଯାତାୟତ ପାଇଁ ପଞ୍ଜିକୃତ ଓକିଲ ସଂଘର ସଦସ୍ୟଙ୍କୁ ବିଜୁ ଏକ୍ସପ୍ରେସ ୱେ ଟୋଲଗେଟରେ ଟୋଲଟିକସ ଛାଡ, ସମସ୍ତ ଓକିଲ ସଂଘରେ ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଇସ୍ୱାସ୍ଥ୍ୟ ସେବା ଓ ଚକ୍ଷୁ ପରୀକ୍ଷଣ ଶିବିର, ମାନବ ଚାଲାଣ ଓ ଶିଶୁ ନିର୍ଯ୍ୟାତନା ରୋକିବା ପାଇଁ ସମସ୍ତ ବ୍ଲକରେ ସ୍ୱଚ୍ଛତା ଶିବିର, ସୁନ୍ଦରଗଡ ପୌରାଞ୍ଚଳରେ ବନ୍ଦ ହୋଇପଡିରହିଥିବା ୨ଗୋଟି ପାର୍କର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ, ଜିଲ୍ଲାର ସମସ୍ତ ପୌରାଞ୍ଚଳରେ ମଶାମରା ଔଷଧ ସିଞ୍ଚନ, ସୁନ୍ଦରଗଡ ବ୍ଲକ କଲୋନୀଠାରୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ, ଲୁହୁରାଡିପା ବସଷ୍ଟାଣ୍ଡଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା , ଖାଲିପଡିଥିବା ସରକାରୀ ଜମିକୁ ଚିହ୍ନଟ କରି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟ ରାଶି ଗ୍ରହଣ କରାଯାଇ ଭୂମିହୀନମାନଙ୍କୁ ପ୍ରଦାନ କରାଯିବା ,ଆଇନଜୀବୀ କଲୋନୀ କରାଯିବା, ଜିଲ୍ଲାରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଉପରେ ଛାତ ନିର୍ମାଣ ପାଇଁ ଦାବି କରାଯାଇଥିଲା। ଏହି ପ୍ରତିନିଧି ମଣ୍ଡଳୀରେ ବରିଷ୍ଠ ଆଇନଜୀବୀ କିଶୋର କୁମାର ନାଏକ, ପ୍ରଦୀପ ମହାପାତ୍ର, ନିହାର ରଞ୍ଜନ ନନ୍ଦୀ, ଦେବାଶୀଷ ମିଶ୍ର, ଅନସୂୟା ନାଏକ ପ୍ରମୁଖ ସାମିଲ ଥିଲେ।



ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମରୁଡ଼ି ଘୋଷଣା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ରେଢ଼ାଖୋଲ,୨।୯(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ଓଡ଼ିଶା ନବ ନିର୍ମାଣ କୃଷକ ସଙ୍ଗଠନ ରେଢ଼ାଖୋଲ ଶାଖା ପକ୍ଷରୁ ଦାବି କରାଯାଇଛି। ଏ ମର୍ମରେ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଢାଖୋଲ ଉପଜିଲ୍ଲାପାଳ ପବିତ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି, ଅଞ୍ଚଳର ଅଧିବାସୀ ମୁଖ୍ୟତଃ ଧାନଚାଷ ଉପରେ ନିର୍ଭର କରି ଚଳିଥାନ୍ତି। ଅଣ ଜଳସେଚିତ ହୋଇଥିବାରୁ ଚାଷୀମାନେ ବର୍ଷା ଉପରେ ନିର୍ଭର କରି ଚାଷକାର୍ଯ୍ୟ କରିଥାନ୍ତି। ଚଳିତ ଖରିଫ ଋତୁରେ ବ୍ଲକରେ ବର୍ଷା ଅଭାବରୁ ଚାଷକାର୍ଯ୍ୟ ଠିକ୍‌ଭାବେ ହୋଇପାରିନାହିଁ। ଏପରି କି ବେଉଷଣ କିମ୍ବା ଧାନରୁଆ ହୋଇପାରି ନାହିଁ। ଜଳାଭାବରୁ ଚାଷଜମି ଫାଟି ଆଁ କଲାଣି। କରୋନା ମହାମାରୀ ସମୟରେ ଚାଷୀ ଋଣ କରି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ।

## ଗଣେଶ ପୂଜା ପାଇଁ ପୋଲିସ ପ୍ରଶାସନର ବୈଠକ

ରାଜଗାଙ୍ଗପୁର,୨।୯(ଡି.ଏନ.ଏ.)

ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଡାକ ବଙ୍ଗଳାରେ ରାଜଗାଙ୍ଗପୁର ପୋଲିସ ପ୍ରଶାସନ ତଥା ଥାନାଅଧିକାରୀ ବିଭସ୍ୱ ପ୍ରଧାନଙ୍କ ସଭାପତିତ୍ୱରେ ଚଳିତ ମାସ ୧୦ତାରିଖରେ ହେବାକୁଥିବା ଗଣେଶ ପୂଜାକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜଗାଙ୍ଗପୁରର ବିଭିନ୍ନ ଗଣେଶ ପୂଜା କମିଟିର କର୍ମକର୍ତ୍ତା ରହିଥିଲେ। ଏହି ଅବସରରେ ବିଭିନ୍ନ ଆଲୋଚନା ହୋଇ ସ୍ଥିରୀକୃତ ହୋଇଯାଇଛି ଯେ, କୋଭିଡ କଟକଣା ସହ ଯେଉଁ ଠି ପୂଜା ମାନହେବ ତାହା ଆବଦ୍ଧ ପରିବେଶରେ ହେବ। ୭ଜଣ ରହି ଏହି ପୂଜା କାର୍ଯ୍ୟ ସମ୍ପାଦନ କରିବେ। ଦର୍ଶନ ପାଇଁ ଦର୍ଶକମାନଙ୍କୁ ମନା। କୌଣସି ବାଜା ବାଜିବା ମନା, ବିସର୍ଜନ ବେଳେ କେବଳ ୪ ଜଣ ଯାଇ ବିନା ଶୋଭାଯାତ୍ରା ଓ ବିନା ବାଦ୍ୟରେ ବିସର୍ଜନ କରିବେ । ସୂଚନାଯୋଗ୍ୟ ଯେ, ରାଜଗାଙ୍ଗପୁର ଅଞ୍ଚଳରେ ଗଣେଶ ପୂଜା ବହୁ ଆଡମ୍ବର ସହକାରେ ପାଳିତ ହୁଏ। ଏଥିପାଇଁ ପ୍ରସିଦ୍ଧି ମଧ୍ୟ ରହିଛି। ଏହି ବୈଠକରେ ମୁଖ୍ୟ ତ. ବିଜେଡି ଟାଉନ ସଭାପତି ରାଜେନ୍ଦ୍ର ବେହେରା, ଭାଜପା ଟାଉନ ସଭାପତି ଶଙ୍କର ସିଂ, ପୂର୍ବତନ ପୌରାଧକ୍ଷା ଶଶିରେଖା ସାମଲ ଓ ଅନ୍ୟ ମାନେରହିଥିଲ।

## ଭାଜପାର ମଣ୍ଡଳ କାର୍ଯ୍ୟକାରୀ ବୈଠକ



ଭାଜପା ମଣ୍ଡଳର କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥିତ ନେତା, କର୍ମୀ।

ଦେବଗଡ଼,୨।୯(ଡି.ଏନ.ଏ)

ତିଲେଇବଣି ବ୍ଲକ ଅନ୍ତର୍ଗତ ଭୁକାବେଡା ଗ୍ରାମରେ ଭାଜପା ତିଲେଇବଣି, ସୁଗୁଡା, ଲଇମୁରା ଓ କଂସର ମଣ୍ଡଳର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ତଥା ସମ୍ବଲପୁର ସାଂସଦଙ୍କ ନୋମିନୀ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲ୍ଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଭାଜପା ସଭାପତି ମୀନକେତନ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ସାହୁ, ତିଲେଇବଣି ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ, ଜିଲ୍ଲା ପରିଷଦ ସଦସ୍ୟା ବୃନ୍ଦାବତୀ ଭୋଇ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ରଞ୍ଜିତ ପଟେଲ, ତିଲେଇବଣି ବ୍ଲକର ପୂର୍ବତନ ଉପାଧକ୍ଷ ତପନ କୁମାର ପ୍ରଧାନ, ବିଧାୟକଙ୍କ ତିଲେଇବଣି ବ୍ଲକ ପ୍ରତିନିଧି ଅକାଲୁ ଧଳ, ଧରଣୀଧର ସାହୁ, ସୁଦାମ ପ୍ରଧାନ, ବିରେନ ପ୍ରଧାନ ଓ ସତ୍ୟ ନାରାୟଣ ପାଣି ପ୍ରମୁଖ ଯୋଗଦେଇ ସଙ୍ଗଠନକୁ ଅଧିକ ସୁଦୃଢ କରିବା ନିମନ୍ତେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ସେମାନେ ତିଲେଇବଣି ବ୍ଲକକୁ ମରୁଡି ଅଞ୍ଚଳ ଘୋଷଣା, ଆଇଟିଡିଏ କାର୍ଯ୍ୟାଳୟକୁ ଦେବଗଡ ପରିବର୍ତ୍ତେ ତିଲେଇବଣି ବ୍ଲକ ସଦର ମହକୁମାରେ ସ୍ଥାପନ କରିବା ଓ ବେକାରୀ ସମସ୍ୟା ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ବିରଞ୍ଚି ନନ୍ଦ, କିଶୋରୀ ଦେହୁରୀ, ଲିଙ୍ଗରାଜ ବିଶ୍ୱାଳ, ଗଣେଶ୍ୱର ସ୍ୱାଇଁ, କ୍ଷୀତିଶ ସାହୁ, ଅଜୟ ପ୍ରଧାନ, ପ୍ରେମାନନ୍ଦ ସାମଲ, ଚିତ୍ତରଞ୍ଜନ ସିଂ, ଯଯାତି କିଶୋର ବିଶ୍ୱାଳ, ମୁନା ଗଡନାୟକ, ରତନ କାଲୋ, ମିଟୁ ସାହୁ, ରୁଦ୍ରମଣି ସୁବୁଦ୍ଧି, ଶ୍ୱେତ କୁମାର ପ୍ରଧାନ, ଉଦିତ ସିଂ, ଦିଲ୍ଲୀପ ପ୍ରଧାନ, ବିଭୂତି ପଟେଲ, ରାଜୁ ମେହେର, ମୁନା ସାହୁ, ବାଦଲ ଦାସ, ବିଜୟ ଠାକୁର ଓ ପ୍ରଦୀପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଇଭର ମହାସଂଘର ଶୋଭାଯାତ୍ରା, ସ୍ମାରକପତ୍ର ପ୍ରଦାନ



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରାଇଭରମାନେ ବିକ୍ଷୋଭ କରୁଛନ୍ତି।

ଦେବଗଡ଼,୨।୯(ଡି.ଏନ.ଏ.)

ଡ୍ରାଇଭର ମାନଙ୍କର ବିଭିନ୍ନ ସମସ୍ୟା ସମ୍ବଳିତ ୧୦ ଦଫା ଦାବି ପୂରଣ ନିମନ୍ତେ ଓଡିଶା ଡ୍ରାଇଭର ମହାସଂଘ ଦେବଗଡ ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଡିଶା ଡ୍ରାଇଭର ମହାସଂଘ, ଦେବଗଡ ଶାଖା ସଭାପତି ଆଦିତ୍ୟ ପ୍ରସାଦ ବେହେରା, ସମ୍ପାଦକ ରଞ୍ଜିତ ପ୍ରଧାନ, ତିଲେଇବଣି ବ୍ଲକ ସଭାପତି ରାଜୁ ଦୀପ, ରିଆମାଳ ବ୍ଲକ ସଭାପତି ଟଅଁଲୁ ବିଶ୍ୱାଳ ଓ ବାରକୋଟ ବ୍ଲକ ସଭାପତି ଲିଙ୍ଗରାଜ ପ୍ରଧାନଙ୍କ ନେତୃତ୍ୱରେ ସଂଘର ଶତାଧିକ ସଦସ୍ୟ ସ୍ଥାନୀୟ ଶ୍ରୀ ଝାଡେଶ୍ୱର ମନ୍ଦିରରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସମାଜ ପାଇଁ ଡ୍ରାଇଭରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ସେମାନଙ୍କ ପ୍ରତି ଅଣଦେଖା କରୁଥିବା ଅଭିଯୋଗ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁଶାନ୍ତ କୁମାର ନାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଦଶ ଦଫା ଦାବି ମଧରେ ଡ୍ରାଇଭର ମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ପେନସନ ବ୍ୟବସ୍ଥା, ୧୦୦ କିଲୋମିଟର ବ୍ୟବଧାନରେ ଡ୍ରାଇଭର ମାନଙ୍କ ପାଇଁ ବିଶ୍ରାମାଗାର ନିର୍ମାଣ ଆଦି ଦାବି ରହିଥିବା ଜଣାପଡିଛି।

## ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ମାଗଣା ସେବା

ଝାରସୁଗୁଡ଼ା ଅଫିସ୍,୨।୯

ଭାରତୀୟ ନାଇ ସମାଜ ଝାରସୁଗୁଡ଼ା ଶାଖା ତରଫରୁ ଗୁରୁବାର ସ୍ଥାନୀୟ କାଲୁପଡାସ୍ଥିତ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ମାଗଣାରେ ସେବା ଯୋଗାଇ ଦିଆଯାଇଛି। ସମାଜର ସଦସ୍ୟମାନେ ଗୋଟିଏ ଦିନରେ ୪୫ଜଣଙ୍କ ବାଳ ଓ ଦାଢି କଟିଂ କରିଥିଲେ। ପ୍ରତ୍ୟେକ ମାସ ଶେଷ ଗୁରୁବାର ଏହି ସେବା ଜାରି ରହିବ ବୋଲି ସଙ୍ଗଠନ ଜିଲ୍ଲା ସଭାପତି ମୁକେଶ ଠାକୁର କହିଛନ୍ତି। ସଦସ୍ୟମାନେ ତାଙ୍କ ପ୍ରତିକ୍ରିୟାରେ ମାନବ ସେବା ମାଧବ ସେବା, ଗରିବ ଅସହାୟଙ୍କୁ ସେବା କରିବା ଭାଗ୍ୟରେ ଥିଲେ ମିଳେ ବୋଲି କହିଛନ୍ତି। ସଙ୍ଗଠନ ସଭାପତି ଠାକୁର, ସାଧାରଣ ସମ୍ପାଦକ ମଦନଲାଲ ବାରିକ, ଭାରତୀୟ ନାଇ ସମାଜ ଉପସଭାପତି ଅମରେଶ କୁମାର ଠାକୁର, ବି ସ୍କୋୟାର ସେଲୁନ୍ କର୍ମଚାରୀ ବିକ୍ରମ କାଞ୍ଜିଆ, ଜିତେନ୍ଦ୍ର ଠାକୁର, ଶଙ୍କର ପଶାୟତ ପ୍ରମୁଖ ଏଥିରେ ସାମିଲ ଥିଲେ।



ଅନ୍ତେବାସୀଙ୍କୁ ସେବା ଦେଉଛନ୍ତି ସଙ୍ଗଠନର ସଦସ୍ୟ।

# ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ ଧରାପଡ଼ିଲା

ଝାରସୁଗୁଡ଼ା ଅଫିସ,୨।୯

- ୨ ଗିରଫ, କାର୍ ସହ ୪ଲକ୍ଷର ଗଞ୍ଜେଇ ଜବତ
- ୨ ହଜାରରେ କିଣି ୫ ହଜାରରେ ବିକ୍ରି




କାର୍ ସହ ଜବତ ଗଞ୍ଜେଇ ଓ ଗିରଫ ୨ ଅଭିଯୁକ୍ତ।

ଓଡ଼ିଶାରୁ ରାଜସ୍ଥାନକୁ କାର୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବାବେଳେ ଝାରସୁଗୁଡ଼ା ପୋଲିସ ହାତରେ ଧରାପଡିଛି। ପୋଲିସ ୨ ଆନ୍ତଃ ରାଜ୍ୟ ଚୋରା ଚାଲାଣକାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଖଲିଆପାଲି ଗ୍ରାମର ଚିରଞ୍ଜୀବ ନାୟକ (୩୪) ଓ ବୁଦ୍ଧିଦର ଗ୍ରାମର ପୁରନ୍ଦର ମାଝି (୩୭)। ଏମାନଙ୍କ ନିକଟରୁ ପୋଲିସ ୭୪ କେଜି ଗଞ୍ଜେଇ, ଏକ ହୁଣ୍ଡାସିଟି କାର୍, ୨ଟି ମୋବାଇଲ୍ ଫୋନ, ଡ୍ରାଇଭିଂ ଲାଇସେନ୍ସ, ଆଧାରକାର୍ଡ ଓ ନଗଦ ୧ହଜାର ଟଙ୍କା ଜବତ କରିଛି। ଏ ନେଇ ପୋଲିସ ଝାରସୁଗୁଡ଼ା ଟାଉନ ଥାନା କେସ୍ (ନଂ୪୩୫/୨୧) ୨୫/୨୯ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏସ୍‌ପି ବିକାଶ ଚନ୍ଦ୍ର ଦାସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଗଞ୍ଜେଇ ଚୋରା ଚାଲାଣ ସମ୍ପର୍କରେ ପୋଲିସ ନିକଟରେ ସୂଚନା ରହିଥିଲା। ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ ସଦଳବଳ ୧୦ନଂ. ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ୍ ନିଖିଲ ଢାବା ନିକଟରେ ବୁଧବାର ଜଗିରହି ଯାନବାହନ ଯାଞ୍ଚ କରୁଥିଲା। ଏହି ସମୟରେ ଏକ ଧଳାରଙ୍ଗର କାର୍ ପହଞ୍ଚିବା ପରେ ପୋଲିସ ଯାଞ୍ଚ କରି ଏକ ସ୍ୱତନ୍ତ୍ର ଚାମ୍ବରରେ ୩ ପ୍ୟାକେଟ୍ ଗଞ୍ଜେଇ ଠାବ କରିଥିଲା। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଆସିଷ୍ଟାଣ୍ଡ କଲେକ୍ଟର ରେସ୍ମା ଟେଟେଙ୍କ ଉପସ୍ଥିତିରେ ଏହାକୁ ଜବତ କରାଯାଇଥିଲା। ଜବତ ଗଞ୍ଜେଇ ମୂଲ୍ୟ ୪ଲକ୍ଷ ଟଙ୍କା ହେବ। ଏହି ଗଞ୍ଜେଇ କୋରାପୁଟରୁ ରାଜସ୍ଥାନର କୋଟା ଅଞ୍ଚଳକୁ ଚାଲାଣ ହେଉଥିଲା। ସେମାନେ ୧କେଜିକୁ ୨ହଜାର ଟଙ୍କାରେ କିଣି ୫ହଜାର ଟଙ୍କାରେ ବିକ୍ରି କରୁଥିଲେ। ପୋଲିସ୍ ତଦନ୍ତରୁ ଜଣାପଡିଛି ଏହି ଆନ୍ତଃ ରାଜ୍ୟ ର୍ୟାକେଟ୍ ଆହ୍ଲାବାଦ, ବିଳାସପୁର, ନାଗପୁର ଆଦି ସହରକୁ ଗଞ୍ଜେଇ ଚାଲାଣ କରନ୍ତି। ଏହି ର୍ୟାକେଟ୍‌ରେ କଳାହାଣ୍ଡି ଜିଲ୍ଲାର ଅନ୍ୟମାନେ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଛି। ଏ ସମ୍ପର୍କରେ ତଦନ୍ତ ଚାଲିଛି ଓ ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ଦାସ କହିଛନ୍ତି।

## ମୋବାଇଲ ଫୋନ ଫାଟି ମହିଳା ଆହତ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ହାଡିସରାରେ ଗୁରୁବାର ମୋବାଇଲ ଫୋନ ଫାଟି ଜଣେ ମହିଳା ଆହତ ହୋଇଛନ୍ତି । ମହିଳା ଜଣକ ହେଲେ ଗାଁର ସ୍ନେହଲତା ସାହୁ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଅଣାଯାଇଛି। ମୋବାଇଲ ଚାର୍ଜରେ ବସାଇବା ସମୟରେ ତାହା ଫାଟି ଶବ୍ଦ କରିଥିଲା। ଏଥିରେ ପାଖରେ ଥିବା ସ୍ନେହଲତାଙ୍କ ହାତପାପୁଲିରେ କ୍ଷତ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ବିଜୁ ଏକ୍ସପ୍ରେସ ୱେରେ ଦୁର୍ଘଟଣା, ଯୁବକ ମୃତ

**କୋକସରା,୨।୯(ଡି.ଏନ.ଏ.):** କଳାହାଣ୍ଡି ଜିଲା ଆମପାଣି ଥାନା ଅନ୍ତର୍ଗତ ସାନପୋଡ଼ାଗୁଡ଼ା ପଞ୍ଚାୟତ ଦେଇଯାଇଥିବା ବିଜୁ ଏକ୍ସପ୍ରେସ ୱେ କଲୋନୀପଡା ନିକଟରେ ବୁଧବାର ସନ୍ଧ୍ୟା ୭ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନପୋଡ଼ାଗୁଡ଼ାର ଟିକେଶ୍ୱର ବେମାଲ (୩୦)। ରାସ୍ତା ଉପରେ ବାଇକ୍ ପଡି ରହିଥିବା ବେଳେ ନିକଟରେ ତାଙ୍କ ମୃତଦେହ ପଡିଥିଲା। ଏହା ଦୁର୍ଘଟଣା ନା ଅନ୍ୟ କୌଣସି ଗାଡି ଧକ୍କା ଦେଇଛି ତାହା ଜଣାପଡ଼ି ନାହିଁ। ସ୍ଥାନୀୟ ଲୋକ ରାସ୍ତା ଉପରେ ଯୁବକଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକ ଏବଂ ଆମପାଣି ପୋଲିସକୁ ଖବର ଦେଇଥିଲେ। ଆମପାଣି ଥାନା ଅଧିକାରୀ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଆମପାଣି ଥାନାରେ ଏକ ମାମଲା (ନଂ. ୭୪/୨୧) ରୁଜୁ ହୋଇଛି।

### ଆଜାଦି କା ଅମୃତ ମହୋତ୍ସବ

**ବରଗଡ଼ ଅଫିସ୍,୨।୯:** ସ୍ୱାଧୀନତାର ୭୫ବର୍ଷ ପାଳନ ଅବସରରେ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋ ଅଧ୍ୟକ୍ଷତା କରିଥିଲେ। ଡଃ ତପସ୍ୱିନୀ ଗୁରୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ରବିନ୍ଦ୍ର ଗଡ଼ତୀୟା, ଅଶୋକ କୁମାର ପୂଜାହାରୀ, ମୋହନ ସାହୁ, ଚୈତନ୍ୟ ପାଇକ, ଡଃ ଚିନ୍ତାମଣି ପଟେଲ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ୱାଧୀନତା ସଂଗ୍ରାମରେ ଶହୀଦ ମାଧୋ ସିଂ, ତାଙ୍କ ବୀରପୁତ୍ରଙ୍କ ଅବଦାନ, ଭାରତ ଛାଡ଼ ଆନ୍ଦୋଳନ ଓ ଆଇନ ଅମାନ୍ୟ ଆନ୍ଦୋଳନରେ ବରଗଡ଼ ଜିଲାର ଭୂମିକା ଉପରେ ଆଲୋକପାତ କରିଥିଲେ ।

### ଅସହାୟଙ୍କୁ ରିଲିଫ ବଣ୍ଟନ ଯୋଜନାର ଶୁଭାରମ୍ଭ

**ଟିଟିଲାଗଡ଼,୨।୯ (ଡି.ଏନ.ଏ):** ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଜାରି ରଖିଥିବା ଟିଟିଲାଗଡ ଏସସିଡି ଏବଂ ଟିବିଏମ ଇଣ୍ଡିଆ ଆନୁକୂଲ୍ୟରେ ଅସହାୟ ପରିବାରକୁ ସହାୟତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ। ଗୁରୁବାର ସ୍ଥାନୀୟ ଶାନ୍ତିନଗର କୁଷ୍ଠାଶ୍ରମରେ ଅନ୍ତେବାସୀ ଏବଂ ଅସହାୟଙ୍କୁ ରାସନ କିଟ, ହାଇଜେନିକ କିଟ, ୱେଲନେସ କିଟ ଉପଜିଲାପାଳ ବଣ୍ଟନ କରିଥିଲେ। ୩୦୦ ଜଣଙ୍କୁ ରାଶନ, ୯୦୦ ଜଣଙ୍କୁ ହାଇଜେନିକ କିଟ ଏବଂ ୬୦୦ ଜଣଙ୍କୁ ୱେଲନେସ କିଟ ପ୍ରଦାନ ଯୋଜନା ରହିଥିବା ଏସସିଡି ଅଧକ୍ଷ ଅମୀୟ ଛତ୍ରିଆ କହିଛନ୍ତି। ଏହି ଅବସରରେ ସମ୍ପାଦିକା ଅଞ୍ଜଳି ବେହେରା, କୋଷାଧକ୍ଷ ତାପସ ମହାରଣା, ପ୍ରକଳ୍ପ ନିର୍ଦ୍ଦେଶକ ମୋହିତ ମୋହନ ଦାଶ ଉପସ୍ଥିତ ଥିଲେ। ଏସସିଡି ପକ୍ଷରୁ ରୋଗୀଙ୍କ ପାଇଁ ତିନିଟି ଅମ୍ଳଜାନ ସାନ୍ଦ୍ରକ ଯନ୍ତ୍ର ଉତ୍ସର୍ଗ କରାଯାଇଛି।

### ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତିଚାରଣ

**ବରଗଡ଼ ଅଫିସ୍,୨।୯:** ବରଗଡ଼ ଭେଡ଼େନ ବ୍ଲକ ବକଟି ପ୍ରାଥମିକ ସ୍କୁଲରେ ସମାଜସେବୀ ସ୍ୱର୍ଗତ ମଣ୍ଟୁ ଷଡ଼ଙ୍ଗୀଙ୍କ ଶ୍ରଦ୍ଧାଞ୍ଜଳି ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଡଃ ବିବେକାନନ୍ଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭୀମସାର୍ ବୁର୍ଲାର ଡା. ଶଙ୍କର ରାମଚନ୍ଦାନୀ ମୁଖ୍ୟଅତିଥି, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ ସଭାପତି ଅଜିତ ପତି, ୟୁଥ୍ ଆସୋସିଏଶନ ସଭାପତି ଜେମ୍ସ ରନବିଡ଼ା, ସରପଞ୍ଚ ଗୌରଚନ୍ଦ୍ର ଦନ୍ତା, ସୁରେନ୍ଦ୍ର କର୍ମୀ, ପ୍ରଧାନଶିକ୍ଷକ ଦୁର୍ଲ୍ଲଭ ଚନ୍ଦ୍ର ଭୋଇ, ପ୍ରଧାନ ଶିକ୍ଷକ ଦୟାନିଧି ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ ସ୍ୱର୍ଗତ ଷଡ଼ଙ୍ଗୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ତାଙ୍କ ସ୍ମୃତିଚାରଣ କରିଥିଲେ । ପର୍ଶୁରାମ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଥୁଆପାଲି ଧନୁଯାତ୍ରା କମିଟି ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଜିତେନ୍ଦ୍ରୀୟ ପୋଡ଼, ଭୁଲା ଜୁଆଡ଼ି, ମାଲୁ ସୁନା, ମଣ୍ଟୁ ନିଉଜ ପେପର ଏଜେନ୍ସି ପକ୍ଷରୁ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ରବିନ୍ଦ୍ର ପେରା, ପଞ୍ଚା ମହାନନ୍ଦ, ସୁନୀଲ ପ୍ରଧାନ, ମିଥୁନ ପ୍ରଧାନ, ଜୀବେଶ ବାଦୀ, କପିଳାସ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଖେତକୁ ଗୋରୁ ଛାଡ଼ିଲେ ଚାଷୀ

**ଖପ୍ରାଖୋଲ,୨।୯(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ମରୁଡି ସ୍ଥିତି ଦେଖାଦେଇଛି। ହଜାର ହଜାର ହେକ୍ଟର ଚାଷ ଜମି ପଡିଆ ପଡିଛି। ଜୁନମାସରେ ଭଲ ବର୍ଷା ହୋଇଥିଲା। ଚାଷୀ ଧାନବୁଣା ସହ ତଳିପକା ଆରମ୍ଭ କରିଥିଲା। ହେଲେ ଜୁଲାଇ ଓ ଅଗଷ୍ଟ ମାସରେ କମ୍‌ବର୍ଷା ହେବାରୁ ଚାଷକାମ ଆଗେଇ ପାରିଲା ନାହିଁ। ବେଉଷୁଣ ଓ ରୁଆ ବିହୁଡା ହୋଇ ପାରିଲା ନାହିଁ। ତଳି ବୁଢା ହୋଇ ଖାଉଁଣି ଗଲାଣି। ଅପରପକ୍ଷରେ ଯେଉଁଠି ଯେମିତି ପାଣି ସୁବିଧା ଥିବା ଜମିରେ ଚାଷୀ ବେଉଷଣ ଓ ତଳି ରୁଆ କାମ କରିଥିଲା ପରବର୍ତ୍ତୀ ଅବସ୍ଥାରେ ବର୍ଷା ନ ହେବାରୁ ତାହା ମରିବାକୁ ବସିଲାଣି। ଚଳିତ ଖରିଫ ଧାନ ଫସଲ ଆଗେଇବାର ଆଉ କୌଣସି ଆଶା ନ ଦେଖି ଚାଷୀ ଏବେ ଜମିକୁ ଗୋରୁ ଛାଡି ଦେଲେଣି।

କୃଷି ବିଭାଗର ସୂଚନା ଅନୁସାରେ ବ୍ଲକରେ ମୋଟ ୨୯ ହଜାର ହେକ୍ଟର ଚାଷ ଜମି ରହିଥିବାବେଳେ ଚଳିତ ବର୍ଷ ୧୩ ହଜାର ୪୫୦ ହେକ୍ଟର ଜମିରେ ଧାନ ଚାଷ ହେବ ବୋଲି କୃଷି ବିଭାଗ ଆକଳନ କରିଥିଲା । ସେହିପରି ୯୯୨୫ ହେକ୍ଟର ଜମିରେ କପା, ୧୨୦୫ ହେକ୍ଟର ଜମିରେ ମୁଗ, ୫୨୮ ହେକ୍ଟର ଜମିରେ ମାଣ୍ଡିଆ, ୧୭୨ ହେକ୍ଟର ଜମିରେ କଦୁଅ, ଗୁରୁଜି, ବାଜରା ଭଳି କ୍ଷୁଦ୍ରଶସ୍ୟ, ୩୭୨୦ ହେକ୍ଟର ଜମିରେ ପନିପରିବା ସହ ଅନ୍ୟାନ୍ୟ ଫସଲ ହେବ ବୋଲି ଆକଳନ କରାଯାଇଥିଲା। ହେଲେ ବର୍ଷା ଅଭାବରୁ ଅନେକ ଜମି ବେଉଷଣ ଓ ତଳିରୁଆ ହୋଇ ନ ଥିବା ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇ କହିଛନ୍ତି। ଅଗଷ୍ଟ ମାସରେ କମ୍ ବର୍ଷା ସମସ୍ୟାକୁ ଦ୍ୱିଗୁଣିତ କରିଛି। ଆଗାମୀ ଦିନରେ ଜଳସେଚନ ବ୍ୟବସ୍ଥା ଥିବା ଜମିକୁ ଜଳସେଚନ ସୁନିଶ୍ଚିତ କରିବା ସହ ଚାଷ ହୋଇ ନ ଥିବା ଜମିରେ ମୁଗ, ବିରି, ରାଶି ଏବଂ ସୋରିଷ ଚାଷ ପାଇଁ ଚାଷୀଙ୍କୁ ଉତ୍ସାହିତ କରିବା ଯୋଜନା ରହିଥିବା କହିଛନ୍ତି। ସୂଚନା ଅନୁସାରେ ଖପ୍ରାଖୋଲ ବ୍ଲକରେ ବିଗତ ୬ ବର୍ଷ ମଧ୍ୟରେ ଅଗଷ୍ଟ ମାସରେ ସର୍ବନିମ୍ନ ୧୦୮ ମିଲି ମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି।


ଖେତରେ ଗୋରୁ ଚରୁଛନ୍ତି।

**ଗତ ୬ବର୍ଷରେ ରେକର୍ଡ କରାଯାଇଥିବା ବର୍ଷା**

| ବର୍ଷ | ଅଗଷ୍ଟ | ଜୁଲାଇ | ଜୁନ | ମେ |
|---|---|---|---|---|
| ୨୦୨୧ | ୧୦୮ | ୨୫୭ | ୧୫୮ | ୭୩ |
| ୨୦୨୦ | ୩୨୬ | ୨୯୦ | ୧୭୧ | ୫୧ |
| ୨୦୧୯ | ୪୭୩ | ୩୦୨ | ୧୪୩ | ୪୬ |
| ୨୦୧୮ | ୩୦୯ | ୩୪୫ | ୧୦୩ | ୬୩ |
| ୨୦୧୭ | ୨୮୨ | ୨୫୨ | ୧୫୪ | ୨୫ |
| ୨୦୧୬ | ୩୩୨ | ୨୪୦ | ୬୩ | ୩୨ |

**ଖପ୍ରାଖୋଲ ବ୍ଲକରେ ମରୁଡ଼ି ସ୍ଥିତି**
- ଗତ ଛଅ ବର୍ଷ ମଧ୍ୟରେ ଅଗଷ୍ଟରେ ସର୍ବନିମ୍ନ ବର୍ଷା
- ଜୈବବୀଜ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯିବ: କୃଷି ଅଧିକାରୀ

# ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

**ଭବାନୀପାଟଣା,୨।୯(ଡି.ଏନ.ଏ.)**

ପୋଲକାମୁଣ୍ଡା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଦ୍ୱାରା ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହେମନ୍ତ କୁମାର ମୁଣ୍ଡଙ୍କ ଆହ୍ୱାନ କ୍ରମେ ଗଣେଶ ଚନ୍ଦ୍ର ମୁଣ୍ଡ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ସଭାରେ ଅକ୍ଷୟ ଖମାରୀ ଅଧ୍ୟକ୍ଷତା କରିଥିବାବେଳେ ମୋ ସ୍କୁଲ ଅଭିଯାନ ଜିଲା ସଂଯୋଜକ ସୁକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ମୋ ସ୍କୁଲ ଅଭିଯାନ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସ୍କୁଲ ପ୍ରଥମ ସଭାପତି ଗଣେଶ ଚନ୍ଦ୍ର ମୁଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ବିଦ୍ୟାଳୟ ସାମଗ୍ରିକ ବିକାଶ ଧାରାରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ। ପୂର୍ବତନ ଛାତ୍ର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବିଶିଷ୍ଟ ଆଇନଜୀବୀ ତଥା ଅତିରିକ୍ତ ସରକାରୀ ଓକିଲ ଧନଞ୍ଜୟ ମୁଣ୍ଡ ପୋଷ୍ୟ ବିଦ୍ୟାଳୟ ରୂପେ ଗ୍ରହଣ କରିବା ଘୋଷଣା କରିବା ସହ ପ୍ରଥମ କିସ୍ତିରେ ୫୧,୦୦୦ ଟଙ୍କା ଆର୍ଥିକ ସହଯୋଗ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ୧୬,୯୦୧ ଟଙ୍କା ଅର୍ଥ ରାଶି ସଂଗୃହିତ ହେବା ସହ ୬୯,୦୦୦ ଟଙ୍କା ସହଯୋଗ ପାଇଁ ପ୍ରତିଶ୍ରୁତି ମିଳିଥିଲା। ୭୧ବର୍ଷ ତଳେ ସ୍ଥାପିତ ବିଦ୍ୟାଳୟ ପ୍ରଥମ ବର୍ଷର ପୁରାତନ ଛାତ୍ର ବିଧୁ ଭୂଷଣ ପଣ୍ଡା ଓ ଗହନ ବିହାରୀ ମୁଣ୍ଡଙ୍କୁ ସମ୍ମାନିତ କରାଯାଇଥିଲା।

# ଦେଓଗାଁ ବ୍ଲକକୁ ମରୁଡ଼ି ଘୋଷଣା ଦାବି


ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଦେଓଗାଁ, ୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ସରକାର ଏହି ବ୍ଲକକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରନ୍ତୁ। ଏହିଭଳି ଦାବିକରି ଗୁରୁବାର ଆମ ଆଦମୀ ପାର୍ଟି(ଏଏପି) ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ପାର୍ଟିର ବ୍ଲକ ସଭାପତି ଶଙ୍କର୍ଷଣ ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ତହସିଲଦାରଙ୍କ ଅନୁପସ୍ଥିତରେ ଇନଚାର୍ଜ ସେକସନ ଅଧିକାରୀ ନମିତା ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କର୍ମକର୍ତ୍ତାଙ୍କ ଦାବି ଅନୁସାରେ ବର୍ତ୍ତମାନ ଦେଓଗାଁ ବ୍ଲକରେ ୪୦ରୁ ୫୦ ପ୍ରତିଶତ ଚାଷ ଜମିରେ ବେଉଷୁଣ ହୋଇନାହିଁ। ଯେଉଁଠି ଚାଷ ହୋଇଛି ତାହା ପାଣି ଅଭାବରୁ ମରିବାକୁ ବସିଲାଣି । ରାସାୟନିକ ସାରର ଅଭାବୀ ବିକ୍ରୀ ଚାଲିଥିବା ବେଳେ ଅର୍ଦ୍ଧାଧିକ ଚାଷୀ ପ୍ରଧାନମନ୍ତ୍ରୀ ଫସଲବୀମା କରିବାରୁ ବଞ୍ଚିତ ରହିଛନ୍ତି । ଏଥିସହ ବେସରକାରୀ ସଂସ୍ଥା ହାତରେ ଫସଲବୀମା ରହିଥିବାରୁ ପ୍ରକୃତ ଚାଷୀ ସୁଫଳ ପାଇପାରୁ ନାହାନ୍ତି। ଏଣୁ ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଅଜୟ ସିଂ ପ୍ରଧାନୀ, ଶ୍ରୀପତି ବାଗ, ରାଧେ ସାହୁ, ରମାକାନ୍ତ ବେହେରା, ବୁଲୁ ରଣା, ସଞ୍ଜୀବ ପଧାନ, ସୁଶାନ୍ତ ପରୁଆ, ମିଳନ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଭଙ୍ଗାକୁଡ଼ିଆରେ ସାତପ୍ରାଣୀ କୁଟୁମ୍ବ

**ବେଲପଡା, ୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଧୁମାଭଟା ପଞ୍ଚାୟତ ଅଧୀନ ଜଲିଆ ଗାଁର କୁଞ୍ଜଳ ବିନ୍ଧାଣି(୪୫) । ସ୍ତ୍ରୀ, ଦୁଇ ଝିଅ, ତିନି ପୁଅଙ୍କୁ ନେଇ ତାଙ୍କ ପରିବାର। ମୂଲମଜୁରି ଲାଗି ଯାହା ରୋଜଗାର କରନ୍ତି ସେଥିରେ ଗୁଜୁରାଣ ମେଣ୍ଟେ। ଜମିବାଡି କିଛି ନାହିଁ। ବିପିଏଲ ଶ୍ରେଣୀଭୁକ୍ତ ଏହି ପରିବାରକୁ ପଞ୍ଚାୟତ ତରଫରୁ ଚାଉଳ ମିଳୁଛି। ଏହା ବ୍ୟତୀତତ ଅନ୍ୟ କୌଣସି ସରକାରୀ ସହାୟତା ତାଙ୍କୁ ମିଳୁନାହିଁ। ଏପରିସ୍ଥଳେ ସ୍ତ୍ରୀ ପିଲାଙ୍କୁ ଧରି ବଡ କଷ୍ଟରେ ପରିବାର ଚଳାଉଛନ୍ତି କୁଞ୍ଜଳ। ଦୁର୍ଦ୍ଦିନରେ ଦିନ କାଟୁଥିବା ବେଳେ ପକ୍କା କରିବା ତାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ସେ ପଞ୍ଚାୟତ ଅଫିସରୁ ବ୍ଲକ ପ୍ରଶାସନ ଯାଏ ଗୁହାରି କରି ମଧ କୌଣସି ସୁଫଳ ପାଇନାହାନ୍ତି। ଚଳିତ ବର୍ଷର ବର୍ଷାରେ ତାଙ୍କ ଭଙ୍ଗା କୁଡିଆ ଅଧିକ ଖରାପ ହୋଇ ଯାଇ ପାଣି ଗଳୁଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇବା ପରେ ଗୋଟିଏ ପଲିଥିନ ପାଇଛନ୍ତି। ସରପଞ୍ଚ ଯମୁନା ରଣାଙ୍କୁ ପଚାରିବାରେ ଏ ନେଇ ସେ ଜାଣି ନ ଥିବା କହିଛନ୍ତି। ତେବେ ଆବାସ ଯୋଜନା ପାଇଁ ତାଙ୍କ ନାମ ତାଲିକାଭୁକ୍ତ ହୋଇଥିଲେ ନିଶ୍ଚିଭାବେ ତାଙ୍କୁ ଘର ଯୋଗାଇ ଦିଆଯିବ ବୋଲି କହିଥିଲେ। ବିଡିଓ ଭିକ୍ଟର ସରୋରେଙ୍ଗଙ୍କୁ ପଚାରିବାରେ ଏସଇସିସି ତାଲିକାରେ କୁଞ୍ଜଳଙ୍କ ନାମ ନ ଥିଲେ ତାଙ୍କୁ ସ୍ୱତନ୍ତ୍ର ଆବାସ ଯୋଜନାରେ ସାମିଲ କରାଯିବ ବୋଲି କହିଛନ୍ତି ।


ସ୍ତ୍ରୀ ପିଲାଙ୍କ ସହ ଭଙ୍ଗା କୁଡିଆ ସାମନାରେ କୁଞ୍ଜଳ ବିନ୍ଧାଣି।

**ଆବାସ ଯୋଜନାରୁ ବଞ୍ଚିତ କୁଞ୍ଜଳ ବିନ୍ଧାଣି**

# ମିଶନ ଶକ୍ତି ପକ୍ଷରୁ ପେନ୍‌ସନ, ବୀମା ମେଳା

**ଭବାନୀପାଟଣା,୨।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବୋର୍ଡା ପଞ୍ଚାୟତରେ ସରକାରୀ ବୀମା ଓ ପେନ୍‌ସନ୍ ଯୋଜନା ମେଳା ଓଡିଶା ଜୀବୀକା ମିଶନ ଓ ମିଶନ ଶକ୍ତି ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୬୪ଟି ଗୋଷ୍ଠୀ ମହିଳା କର୍ମକର୍ତ୍ତା ଯୋଗଦେଇଥିଲେ। ଏଥିରେ ପଞ୍ଚାୟତ ଏମବିକେ ଲୋପାମୁଦ୍ରା ମାଝି, ସିଆର୍‌ପି ବନିତା ମାଝି, ପଦ୍ମିନୀ ପ୍ରଧାନ, ଶଶିକଳା ନାଏକ, ସବିତା ଛତର, ହେମଲତା ନାଏକ, ଧିରା ମହାନନ୍ଦ, ଚାନ୍ଦିନୀ ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସରକାରୀ ବୀମା ଯୋଜନା, ଅଟଳ ପେନସନ୍ ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଏବଂ ପ୍ରଧାନମନ୍ତ୍ରୀ ବୀମା ଯୋଜନା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା।

# ମେଗା ଲିଫ୍ଟ କେନାଲରେ ବୁଡ଼ି ବୃଦ୍ଧ ମୃତ

**କୋକସରା,୨।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଦୁଗାଁ ନିକଟରେ ବୁଧବାର ମଧ୍ୟାହ୍ନରେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରେ ବୁଡ଼ିଯାଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଦୁଗାଁ ମାଝିପଡାର ସାନ ଚଣ୍ଡି (୫୫)। ସୂଚନା ଯେ, ସେ ନିଜ ଚାଷ ଜମିରେ ଘାସ ବାଛିବାକୁ ଆସି ମଧ୍ୟାହ୍ନରେ ଉକ୍ତ କେନାଲକୁ ଗାଧେଇବାକୁ ଯାଇଥିଲେ। କେନାଲ ପାଣିର ପ୍ରଖର ସ୍ରୋତରେ ସେ ବୁଡ଼ି ଯାଇଥିଲେ। କେନାଲ ପାଣି ସ୍ରୋତରେ ପ୍ରାୟ ୨ କି.ମି. ଭାସି ଯାଇଥିଲେ। ଶାଖା କେନାଲକୁ ସଂଯୋଗ କରୁଥିବା ପାଇପ ଜାଲରେ ଏକ ମୃତଦେହ ଅଟକି ଥିବା ଦେଖି ସ୍ଥାନୀୟ ଲୋକେ ଲଦୁଗାଁ ସରପଞ୍ଚଙ୍କୁ ଜଣାଇଥିଲେ। ମୃତଦେହ ଚିହ୍ନଟ ପରେ ପରିବାରବର୍ଗଙ୍କୁ ସୂଚନା ଦେଇଥିଲେ। ଖବର ପାଇବା ପରେ କୋକସରା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି କେନାଲରୁ ଶବ ଉଦ୍ଧାର କରିଥିଲେ। କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ହସ୍ପିଟାଲକୁ ପଠାଇ ତଦନ୍ତ ଆରମ୍ଭ କରିଛି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କେନାଲରେ ପଡ଼ି ଯୁବକଙ୍କ ମୃତ୍ୟୁ

**ଜୁନାଗଡ,୨।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କୁପାଗାଁରେ ବୁଧବାର ଅପରାହ୍ନରେ କେନାଲକୁ ଗାଧୋଇବାକୁ ଯାଇଥିବା ଜଣେ ଯୁବକଙ୍କ ଗୋଡ ଖସି ପଡ଼ି ମୃତ୍ୟୁ ବରଣ କରିଥିବା ଜଣାପଡିଛି। ତାଙ୍କ ନାମ ତ୍ରିବନ ମାଝି (୩୫)। ଖବର ପାଇ ଘଟଣାସ୍ଥଳରେ ଜୁନାଗଡ ପୋଲିସ ପହଞ୍ଚି ମୃତ ଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୨/୨୧) ରୁଜୁ ହୋଇଥିବା ଜୁନାଗଡ ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି।

# କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ

**ପଲମ,୨।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭୀମକେଲା ପଞ୍ଚାୟତସ୍ଥିତ ଭୀମକେଲା ଗ୍ରାମର ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ କାମରେ ଆସୁ ନ ଥିବା ଜଣାପଡ଼ିଛି। ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରକଳ୍ପ ଅନେକ ସ୍ଥାନରେ ପାଇପ ଫାଟି ପାଣି ବାହାରକୁ ଯାଉଛି ଏବଂ ଓଭରହେଡ୍ ଟାଙ୍କିରୁ ଓଭର ଫ୍ଲୋ ହୋଇ ପାଣି ବାହାରି ଚାଷ ଜମିକୁ ଯାଉଛି। ଗ୍ରାମର ରଣାପଡା ପର୍ଯ୍ୟନ୍ତ ଠିକ ରୁପେ ପାଣି ଆସିପାରୁ ନାହିଁ। କମ୍ ପରିମାଣର ପାଣି ଆସୁଥିବା ବେଳେ ଅପରାହ୍ନରେ ମୋଟାମୋଟି ଭାବେ ପାଣି ହେଉ ନ ଥିବା ପଡାବାସୀ ଅଭିଯୋଗ କରିଛନ୍ତି। ନର୍ଲା ବ୍ଲକର ନର୍ଲା, ରୁପ୍ରାରୋଡ, ତୁଳାପଡା, ବାଲିପଡା, ରୁପ୍ରା, ଭାନପୁର ଆଦି ଗ୍ରାମରେ ପାଇପଗୁଡିକ ଫାଟିଯିବା ଓ ଅନେକ ସମୟରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ପାଣି ଯୋଗାଣରେ ବ୍ୟାଘାତ ସୃଷ୍ଟି ହେଉଥିବା ଜଣାପଡ଼ିଛି। ହଜାର ହଜାର ଲୋକଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗୀୟ କର୍ମଚାରୀମାନେ ତୁରନ୍ତ ଏହାର ପ୍ରତିକାର ପାଇଁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।


ପାନୀୟ ଜଳ ପ୍ରକଳ୍ପ।

# ସ୍ୱାମୀ ପରିତ୍ୟକ୍ତା ୨ଝିଅଙ୍କ ଭରସାରେ ୭ ପ୍ରାଣୀ କୁଟୁମ୍ବ

**ବିନ୍ଧିକା,୨।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନ୍ଧିକା ବ୍ଲକ ଭଣ୍ଡାର ଗ୍ରାପ ଅଧୀନ ପାପୀ ନୂଆଁପଡାରେ ରହନ୍ତି ରାମକୃଷ୍ଣ ଦାଶ (୬୫)। ସେ ଆଜିକୁ ଦୀର୍ଘ ୧୦ ବର୍ଷ ହେଲା ପାରାଲିସିସ ରୋଗରେ ସମ୍ପୂର୍ଣ୍ଣ ଶଯ୍ୟାଶାୟୀ । ନା ଚାଲୁଛି ହାତ ନା ଚଳୁଛି ଗୋଡ । କେବଳ ପରିବାର କଥା ଚିନ୍ତା କରି ଲୁହ ଗଡାଉଛନ୍ତି ରାମକୃଷ୍ଣ । ତାଙ୍କ ପରିବାର କହିଲେ ସ୍ତ୍ରୀ ସାବିତ୍ରୀ (୬୦), ସ୍ୱାମୀ ପରିତ୍ୟକ୍ତା ଦୁଇ ଝିଅ ରୀନା(୨୩) ,ମୀନା (୨୧), ସାନ ଝିଅ ସସ୍ମିନା (୧୪) ଓ ୨ ନାତି ନାତୁଣୀ । ଜମିବାଡି ନ ଥିବାରୁ ମୂଲ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ମାତ୍ର ହଠାତ୍ ରାମକୃଷ୍ଣ ପାରାଲିସିସ୍ ରୋଗରେ ଆକ୍ରାନ୍ତ ହେବା ଯୋଗୁ ଗରିବ ପରିବାରର ତେଲଲୁଣ ସଂସାରରେ ଦୁଃଖର ପାହାଡ ଅଜାଡି ହୋଇଗଲା । ସ୍ୱାମୀଙ୍କ ରୁଗ୍‌ଣ ଅବସ୍ଥା ଦେଖି ସାବିତ୍ରୀ ଘରର ବାସନ କୁସନ ଓ ବିବାହିତା ଝିଅଙ୍କ ଗହଣା ବିକି ଚିକିତ୍ସା କରାଇଲେ। ନିଜର ସୀମିତ ସମ୍ବଳରେ ସ୍ୱାମୀଙ୍କୁ ସୋନପୁର ,ବରଗଡ,ବରପାଲି ଓ ବୁର୍ଲା ଡାକ୍ତରଖାନା ନେଇ ଚିକିତ୍ସା କରାଇଲେ ମଧ ଅବସ୍ଥାରେ କୌଣସି ସୁଧାର ଆସି ନ ଥିଲା। ଫଳରେ ଭାଗ୍ୟ ଓ ଭଗବାନଙ୍କ ଦୟାରେ ଦିନ କାଟିବାକୁ ପଡୁଛି। ବଡ ଦୁଇ ଝିଅଙ୍କ ଭରସାରେ ଏବେ ରାମକୃଷ୍ଣଙ୍କ ପରିବାର ଚଳୁଛି । ଉଭୟ ମୂଲ ଲାଗି ଯାହା ରୋଜଗାର କରୁଛନ୍ତି ସେଥିରେ ଓଳିଏ ଖାଇଲେ ଓଳିଏ ଉପାସରେ ରହିବାକୁ ପଡୁଛି । ଏଣେ ସାନଝିଅର ପାଠପଢା ଚିନ୍ତା ସାଙ୍ଗକୁ ଘରର ମୁରବୀ ରାମକୃଷ୍ଣଙ୍କ ଔଷଧ ଖର୍ଚ୍ଚ ରହିଛି । ଅଭାବ ଅନାଟନରେ ଦିନ କାଟୁଥିବା ସାବିତ୍ରୀ ସ୍ୱାମୀଙ୍କ ଚିକିତ୍ସା ପାଇଁ ସରକାରୀ ସାହାଯ୍ୟ ଲୋଡିଛନ୍ତି । ଏହି ପରିବାରକୁ ସରକାରୀ ସାହାଯ୍ୟ କହିଲେ ମିଳୁଛି ମାସିକ ୨୫ କେଜି ଚାଉଳ। ଅନ୍ୟପଟେ ଆବାସ ଯୋଜନାରେ ପକ୍କାଘର ଏ ଯାଏ ମିଳିନାହିଁ । ସେହିପରି ଭତ୍ତା ପାଇଁ ରାମକୃଷ୍ଣ ଓ ସ୍ତ୍ରୀ ବାରମ୍ବାର ଅନ୍‌ଲାଇନରେ ଆବେଦନ କରିଥିଲେ ହେଁ ଭତ୍ତା ମିଳୁ ନ ଥିବା ଦର୍ଶାଇଛନ୍ତି। ଏହି ପରିବାରକୁ ସମସ୍ତ ସରକାରୀ ଯୋଜନାରେ ସାମିଲ କରାଯିବାକୁ ଦାବି ହେଉଛି । ଏ ନେଇ ଭଣ୍ଡାର ଗ୍ରା.ପର କାର୍ଯ୍ୟନିର୍ବାହୀ ଅଧିକାରୀ ରୁପେଶ୍ୱର ଭୁଏଙ୍କୁ ପଚାରିବାରେ କହିଥିଲେ, ଭତ୍ତା ପାଇଁ ଅନ୍‌ଲାଇନରେ ଆବେଦନ କରିଥିବା ରସିଦ ଦେଲେ ଭତ୍ତା ପ୍ରଦାନ ବ୍ୟବସ୍ଥା କରିବ । ଆବାସ ଗୃହ ପାଇଁ ରାମକୃଷ୍ଣଙ୍କ ନାଁ ଏସିସିସି ତାଲିକାରେ ଦେଖିଲା ପରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।


ପରିବାର ସଦସ୍ୟଙ୍କ ସହ ରାମକୃଷ୍ଣ।

**୧୦ ବର୍ଷ ହେଲା ପାରାଲିସିସ୍‌ରେ ଶଯ୍ୟାଶାୟୀ ରାମକୃଷ୍ଣ**
- ଅର୍ଥାଭାବରୁ ଅଟକିଛି ଚିକିତ୍ସା
- ୨୫ କେଜି ଚାଉଳ ସମ୍ବଳକୁ ଶେଷ
- ଭତ୍ତା ଓ ଆବାସ ଯୋଜନାରୁ ବଞ୍ଚିତ ପରିବାର

## ଡ୍ରାଇଭର ମହାସଂଘ ଦେଲା ସ୍ମାରକପତ୍ର

**ବରଗଡ଼ ଅଫିସ୍:** ଓଡ଼ିଶା ଡ୍ରାଇଭର ମହାସଂଘ ବରଗଡ଼ ଜିଲା ଶାଖା ବୁଧବାର ୧୦ଦଫା ଦାବି ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିଲା। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମିର୍ଜା ଟପ୍ପୋଙ୍କୁ ମହାସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମହାସଂଘର ବରଗଡ଼ ଜିଲା ସଭାପତି ନୀଳାମ୍ବର ସାହା, ରବିନ୍ଦ୍ର ନାଏକ, ସୁମନ୍ତ ମେଣ୍ଡଲି, ସୁନୀଲ କାଲସେ, ସୁଧୀର ଦାଶ, ନିର୍ମଳ ପାଇକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ‘ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପାଇଁ ୬୦ ଏକର ଜମି ଯଥେଷ୍ଟ’

**ବଲାଙ୍ଗୀର ଅଫିସ, ୨।୯**



ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଜିଲାପାଳ, କୁଳପତି ଓ କୁଳସଚିବଙ୍କ ସହ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ।

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ପ୍ରମୁଖ ସଚିବ**

- ବିଶ୍ୱବିଦ୍ୟାଳୟକୁ ୩/୪ ମାସରେ ଆର୍‌ଓଆର୍ ଦିଆଯିବ
- କେନ୍ଦ୍ରୀୟ ଅନୁଦାନ ନ ମିଳିଲେ ରାଜ୍ୟ ସରକାର ଅର୍ଥ ଯୋଗାଇବେ

ଜମିପଟ୍ଟା ସମସ୍ୟା, ୟୁଜିସି ଅଧିନିୟମ ୧୯୫୬ ଧାରା ୧୨ (ବି) ସ୍ୱୀକୃତିକୁ ନେଇ ଅଡୁଆରେ ପଡିଥିବା ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଗୁରୁବାର ଉଚ୍ଚଶିକ୍ଷା ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପରିଦର୍ଶନରେ ଆସିଥିଲେ। ଜିଲାପାଳ ଚଞ୍ଚଳ ରାଣା, କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର, କୁଳସଚିବ ପ୍ରଫେସର ଦୁର୍ଗାପ୍ରସନ୍ନ ମହାପାତ୍ର ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗ, ଷ୍ଟାଫ୍ କ୍ୱାର୍ଟର୍ସ, ହଷ୍ଟେଲ, ଆଡମିନିଷ୍ଟ୍ରେଟିଭ ବ୍ଲକ ବୁଲି ଦେଖିଥିଲେ। କୁଳପତିଙ୍କ ଚ୍ୟାମ୍ବରରେ କିଛି ସମୟ ସେ ଆଲୋଚନା କରିଥିଲେ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଜମି ସମସ୍ୟାକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ବିଶ୍ୱବିଦ୍ୟାଳୟ ଦଖଲରେ ବର୍ତ୍ତମାନ ପାଖାପାଖି ୪୦-୪୫ ଏକର ଜମି ରହିଛି। ପ୍ରଶାସନ ପକ୍ଷରୁ ଆଉ ୧୦/୧୫ ଏକର ଜମି ବାହାର କରାଯାଇଛି। ଜିଲା ପ୍ରଶାସନ ଏସବୁକୁ ବିଶ୍ୱବିଦ୍ୟାଳୟ ନାଁରେ ପଟ୍ଟା କରିଦେବାକୁ ଚେଷ୍ଟା କରୁଛନ୍ତି। ସର୍ବମୋଟ ପ୍ରାୟ ୫୫/୬୦ ଏକର ଜମିର ପଟ୍ଟା ବିଶ୍ୱବିଦ୍ୟାଳୟ ନାଁରେ ଆଗାମୀ ୩/୪ ମାସ ମଧ୍ୟରେ ହୋଇଯିବ। କୁଳପତି ବିଶ୍ୱବିଦ୍ୟାଳୟର ଏକ ମାଷ୍ଟରପ୍ଲାନ୍ ତିଆରି କରିଛନ୍ତି। ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପାଇଁ ପ୍ରାୟ ୬୦ଏକର ଜମି ଯଥେଷ୍ଟ ବୋଲି ସଚିବ ମିଶ୍ର କହିଥିଲେ। ବର୍ତ୍ତମାନ ବହୁତଳ କୋଠା ଆଡକୁ ଗଲାଣି। ଏବେ ୭/୮ ମହଲା ଆବାସିକ ୟୁନିଟ୍, ଆପାର୍ଟମେଣ୍ଟ ହଷ୍ଟେଲ କରାଯାଉଛି। ଏଭଳି ବହୁତଳ କୋଠା ତିଆରି କରାଗଲେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ପାଇଁ ୬୦ଏକର ଜମି ଯଥେଷ୍ଟ ବୋଲି ସେ ଦୋହରାଇ ଥିଲେ। ଖେଳପଡିଆ ପାଇଁ ତ ଜମି ଆବଶ୍ୟକ ବୋଲି ପ୍ରଶ୍ନ କରିବାରୁ ବିଶ୍ୱବିଦ୍ୟାଳୟର ଯେଉଁ ଖେଳପଡିଆ ରହିଛି ସେଠାରେ ବି ଜମି ରହିଛି। ଆବଶ୍ୟକ ପଡିଲେ ବିଶ୍ୱବିଦ୍ୟାଳୟ ପଛପଟେ ୨୦ ଏକର ଜମିରେ ଯେଉଁ ଚାରାରୋପଣ କରାଯାଇଛି ସେଠାରେ ଏକ ଖେଳପଡିଆ କରାଯାଇପାରିବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟର ଷ୍ଟାଫ୍ ନିଯୁକ୍ତି ଉପରେ ପଚାରିବାରୁ ସେ କହିଥିଲେ ଓଡିଶା ପବ୍ଲିକ୍ ସର୍ଭିସ କମିଶନ (ଓପିଏସ୍‌ସି) ପକ୍ଷରୁ ପ୍ରଫେସର, ଆସୋସିଏଟ୍ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ୩ଟି ର୍‍ୟାଙ୍କରେ ନିଯୁକ୍ତି କରାଯିବ। ଏଥିସକାଶେ ବିଜ୍ଞାପନ ବାହାର କରାଯାଇଛି। କିଛି ଇଣ୍ଟରଭ୍ୟୁ ସରିଗଲାଣି। ଡିସେମ୍ବର ସୁଦ୍ଧା ଏହି ବିଶ୍ୱବିଦ୍ୟାଳୟର ୧୨୬ ପଦବୀରୁ ୮୦/୯୦ ପଦବୀ ପୂରଣ ହୋଇଯାଇଥିବ ବୋଲି ସେ କହିଥିଲେ। ୟୁଜିସି ୧୨ (ବି) ସ୍ୱୀକୃତି ଉପରେ ସେ କହିଥିଲେ ଯେ, ଏହାହେଲେ କେନ୍ଦ୍ରୀୟ ଅନୁଦାନ ମିଳିବ। ତେବେ ରାଜ୍ୟ ସରକାର, ଡବ୍ଲ୍ୟୁଓଡିସି, ଡିଏମ୍‌ଏଫ୍‌ରୁ ବିଶ୍ୱବିଦ୍ୟାଳୟକୁ ଅନୁଦାନ ଯୋଗାଇବେ। ୟୁଜିସି ୧୨ (ବି) ସ୍ୱୀକୃତି ନ ମିଳିଲେ ବିଶ୍ୱବିଦ୍ୟାଳୟର ଉନ୍ନତି ହେବନାହିଁ କହିବା ଭୁଲ ଧାରଣା ବୋଲି ସେ କହିଥିଲେ। ରାଜ୍ୟ ସରକାର ଗତ ୩ ବର୍ଷରେ ରାଜ୍ୟର ବିଶ୍ୱବିଦ୍ୟାଳୟ ମାନଙ୍କୁ ୧୦୩୪ କୋଟି ଅନୁଦାନ ଯୋଗାଇ ଥିବାବେଳେ ୟୁଜିସି ମାତ୍ର ୧୦ କୋଟି ଅନୁଦାନ ଯୋଗାଇଛି। ୟୁଜିସି ଗ୍ରାଣ୍ଟ ଉପରେ ନିର୍ଭର କରି ଆମ ବିଶ୍ୱବିଦ୍ୟାଳୟ ଚାଲୁନାହିଁ ବୋଲି ସେ କହିଥିଲେ। ପ୍ରମୁଖ ସଚିବ ମିଶ୍ରଙ୍କୁ ପୁରାତନ ଛାତ୍ର ତଥା ଅଧ୍ୟକ୍ଷ ଡ ଅଭିମନ୍ୟୁ ମିଶ୍ର, ପୁରାତନ ଛାତ୍ର ଶ୍ରୀକର ମିଶ୍ର, ପ୍ରଭାସ ପାଣିଗ୍ରାହୀ, ରତନ ମହାରଣା, ଅସୀମ ପଟ୍ଟନାୟକ, ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ ସାକ୍ଷାତ କରି ଆଲୋଚନା କରିଥିଲେ। ପରେ ସେ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବଲାଙ୍ଗୀର ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ସଂସ୍କୃତ ମହାବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ।

## ସଂକ୍ଷେପରେ

### ପକ୍ଷାଘାତ ରୋଗୀଙ୍କ ଚିକିତ୍ସା ପାଇଁ ଟଙ୍କା ନାହିଁ



ଲାଏବ ସାହୁ

**ଲୋଇସିଂହା, ୨।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ହରଭଙ୍ଗା ଗାଁର ଲାଏବ ସାହୁ (୫୭)। ଗତ ୫ ବର୍ଷ ହେଲା ସେ ପକ୍ଷାଘାତ ରୋଗରେ ପୀଡିତ। ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରି ଘରେ ଶଯ୍ୟାଶାୟୀ। ସ୍ତ୍ରୀ କଇଁଙ୍କୁ ଛାଡିଦେଲେ ତାଙ୍କର ଆଉ କେହି ନାହାନ୍ତି। ମୂଲମଜୁରି ଲାଗି ଏହି ନିଃସନ୍ତାନ ଦମ୍ପତି ଚଳୁଥିଲେ। ଏହି ସମୟରେ ଲାଏବ ପକ୍ଷାଘାତରେ ଆକ୍ରାନ୍ତ ହେଲେ। ଘରେ ଯାହା ଥିଲା ବିକିଭାଙ୍ଗି ସ୍ୱାମୀଙ୍କ ଚିକିତ୍ସାରେ ଖର୍ଚ୍ଚ କଲେ କଇଁ। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଏବେ ସ୍ୱାମୀଙ୍କ ଚିକିତ୍ସା ଓ ଔଷଧ ଖର୍ଚ୍ଚ ପାଇଁ କଇଁଙ୍କ ପାଖରେ ଟଙ୍କାଟିଏ ନାହିଁ। ପଞ୍ଚାୟତରୁ ଚାଉଳ ମିଳୁଛି, ଅନ୍ୟ କୌଣସି ସରକାରୀ ସହାୟତା ମିଳୁନାହିଁ। ଏହି ପରିସ୍ଥିତିରେ ଚିକିତ୍ସା କରି ନ ପାରି ଭାଗ୍ୟକୁ ଆଦରି ଘରେ ପଡି ରହିଛନ୍ତି। ରୋଜଗାରକ୍ଷମ ସ୍ୱାମୀଙ୍କ ଏପରି ଅବସ୍ଥା ଦେଖି ଭାଙ୍ଗି ପଡିଛନ୍ତି କଇଁ। ସହାୟତା ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

### ଟ୍ରାକ୍ଟର ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ଡୁଙ୍ଗୁରିପାଲି, ୨।୯(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଏସ.ରାମପୁର ଥାନା ପଣ୍ଡକିଟାଲରୁ ଖଲିଆପାଲି ରାସ୍ତାରେ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ମନୋଜ ଦାସ(୪୦। ବାଇକ ପଛରେ ବସିଥିବା ତାଙ୍କ ସ୍ତ୍ରୀ ପ୍ରଣତି ଦାସ (୩୨) ଗୁରୁତର ଆହତ ହୋଇଛନ୍ତି। ମାଝ୍ୟାବର୍ହା ପଞ୍ଚାୟତ ସାହାଜବାହାଲର ମନୋଜ ଓ ତାଙ୍କ ସ୍ତ୍ରୀ ପ୍ରଣତି ଏକ ବାଇକରେ ବଲାଙ୍ଗୀରରୁ ନିଜ ଗାଁ ସାହାଜବାହାଲକୁ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା ଖବର ପାଇ ରାମପୁର ଅଗ୍ନିଶମ କର୍ମଚାରୀ ଦାସ ଦମ୍ପତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନା ଆଣିଥିଲେ। ହେଲେ ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁବାର ମନୋଜଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଲୋଇସିଂହା, ୨।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲର ସହକାରୀ ଶିକ୍ଷକ ସାରଥୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହିମାଂଶୁ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାରେ ସ୍କୁଲର ଶିକ୍ଷକ, କର୍ମଚାରୀ ଏବଂ ନବମ ଓ ଦଶମଶ୍ରେଣୀ ଛାତ୍ରୀଛାତ୍ର ଉପସ୍ଥିତ ରହି ଶ୍ରୀସାହୁଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିଥିଲେ । ଓଷ୍ଟା ଜିଲା ଉପସଭାପତି ଓ ଲୋଇସିଂହା ଜୋନର ସମ୍ପାଦକଭାବେ ସେ କାର୍ଯ୍ୟ କରୁଥିଲେ।

### ବିଶିଷ୍ଟ କ୍ରୀଡାବିତ୍ ନୀଳମଣି ଗୌଡ଼ଙ୍କ ପରଲୋକ

**ଭବାନୀପାଟଣା, ୨।୯(ଡି.ଏନ.ଏ.):** କଳାହାଣ୍ଡି ଜିଲାର ବିଶିଷ୍ଟ କ୍ରୀଡ଼ାବିତ ନୀଳମଣି ଗୌଡ଼ (୭୪)ଙ୍କ କଟକଠାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଜିଲାର ଜଣେ ବରିଷ୍ଠ କ୍ରୀଡ଼ାବିତ ଥିଲେ। ତାଙ୍କ ବିୟୋଗରେ ଜିଲା କ୍ରୀଡ଼ା ସଂସ୍ଥା ସମ୍ପାଦକ ତଥା ଓଡିଶା ଅଲମ୍ପିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ, ବ୍ରଜମୋହନ ହାଇସ୍କୁଲ ୧୯୭୪ ମାଟ୍ରିକ ବ୍ୟାଚ ସଭାପତି ସୁଧାଂଶୁ ଶେଖର ଦେଓ, ସମ୍ପାଦକ ରାମ ଶଙ୍କର ଦାସ, ଡ଼, ରବି ନାରାୟଣ ସେନାପତି, ମହମ୍ମଦ ଅଲ୍ଲୀ, ମୂରଲୀ ସେନାପତି, ଲକ୍ଷ୍ମୀ ସିଂହ, ହାଜି ଆକବର ମହମ୍ମଦ, ଅବଦୁଲ ରସିଦ, ଉଦ୍ଧବ ମାଝି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

## ଉସ୍ତାର ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ମୁରିବାହାଲ, ୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ଜୟରାମ ପାଠାଗାର ଓ ସପ୍ତରଙ୍ଗ ସଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଗୁରୁବାର ହଳଦୀଠାରେ ଉସ୍ତାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜୟରାମ ପାଠାଗାର ସଭାପତି ମଧୁସୂଦନ ମହାନନ୍ଦ, ସପ୍ତରଙ୍ଗ ସଂସ୍କୃତିକ ସାଂସଦ ସଭାପତି ଦୀପକ ରଞ୍ଜନ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରକାଶ ରାଉତ ବଂଶୀବାଦନ କରିଥିଲେ। ବିଡିଓ ପ୍ରିୟରଞ୍ଜନ କୁମାର ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ବିଶିଷ୍ଟ ସଙ୍ଗୀତଜ୍ଞ ପଙ୍କଜ ଜାଲ, ପ୍ରଧାନଶିକ୍ଷକ ସ୍ୱପ୍ନେଶ୍ୱର ମହାକୁର, ସାମାଜିକ କର୍ମୀ ସନ୍ତୋଷ ବିଭାର ଯୋଗଦେଇଥିଲେ। ଏହି ଅବସରରେ ବ୍ୟାଙ୍କ ଅଧିକାରୀଭାବେ ଅବସର ନେଇଥିବା ଚୈତନ୍ୟ ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଦିଲୀପ କୁମାର ପସାୟତ ସଂଯୋଜନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଉତ୍ତମ ମହାନନ୍ଦ, ସୋମନାଥ ମହାନନ୍ଦ, ଜଯାତି କେଶରୀ ମହାନନ୍ଦ।

# ପ୍ରମାଣପତ୍ର ପାଇଁ ଦିବ୍ୟାଙ୍ଗ ହଟହଟା

**ବରଗଡ଼ ଅଫିସ୍, ୨।୯**



ଜିଲାପାଳଙ୍କ ଅଫିସ ବାହାରେ ଦିବ୍ୟାଙ୍ଗମାନେ ଛିଡ଼ା ହୋଇଛନ୍ତି ।

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ବୁଧବାର ଭିନ୍ନକ୍ଷମ ପ୍ରମାଣପତ୍ର ନେବାକୁ ଆସି ଦିବ୍ୟାଙ୍ଗମାନଙ୍କୁ ହଟହଟା ହେବାକୁ ପଡ଼ିଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଦିବ୍ୟାଙ୍ଗ ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସିଥିଲେ। ସେମାନଙ୍କ ମଧ୍ୟରେ ଶିଶୁ, ବୃଦ୍ଧାବୃଦ୍ଧ ମଧ୍ୟ ରହିଥିଲେ। ମାତ୍ର ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବ ନାହିଁ ବୋଲି ଡାକ୍ତରଖାନା କର୍ମଚାରୀମାନେ କହିଥିଲେ। ପ୍ରମାଣପତ୍ର ନ ମିଳିବାରୁ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ପରେ ସେମାନେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଭେଟିବାକୁ ଯାଇଥିଲେ।

ବିଜେପୁର ବ୍ଲକ ମହୁଲପାଲିର ନନ୍ଦିନୀ ହାତୀ ତାଙ୍କ ଦିବ୍ୟାଙ୍ଗ ସ୍ୱାମୀ ବିରଞ୍ଚିଙ୍କୁ ସାଙ୍ଗରେ ଧରି ଆସିଥିଲେ। ବିରଞ୍ଚି ଜନ୍ମରୁ କଥା କହିପାରୁ ନାହାନ୍ତି। ଭିନ୍ନକ୍ଷମ ପ୍ରମାଣପତ୍ର ନ ଥିବାରୁ ସେ ଭତ୍ତା ପାଇ ପାରୁନାହାନ୍ତି ବୋଲି ନନ୍ଦିନୀ କହିଛନ୍ତି। ଅମ୍ବାଭୋନା ବ୍ଲକ ଲଖନପୁର ଡୁଙ୍ଗୁରୀରୁ ଆସିଥିବା ପ୍ୟାରୀ ଡୁଙ୍ଗଡୁଙ୍ଗ କହିଥିଲେ, ତାଙ୍କ ଡାହାଣ ହାତ କାମ କରୁନାହିଁ। ତାଙ୍କର ୩ଝିଅ ଅଛନ୍ତି। ଭିନ୍ନକ୍ଷମ ପ୍ରମାଣପତ୍ର ପାଇଲେ ସେ ଭତ୍ତା ପାଇଁ ଆବେଦନ କରିବେ। ମାତ୍ର ଜିଲା ମୁଖ୍ୟ ଡାକ୍ତରଖାନାକୁ ୨ଥର ହେଲା ସେ ଆସିଲେଣି ଏବଂ ନିରାଶରେ ତାଙ୍କୁ ଫେରିବାକୁ ପଡୁଛି। ଅମ୍ବାଭୋନାର ଜଣେ ଦୃଷ୍ଟିହୀନ ବୃଦ୍ଧା ଅମୂଲ୍ୟ ମେହେର ମଧ୍ୟ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆସିଥିଲେ। ସେ କହିଛନ୍ତି, ତାଙ୍କୁ ୬୦ବର୍ଷ ଟପିଲାଣି। ମାତ୍ର ଏପର୍ଯ୍ୟନ୍ତ ଭତ୍ତା ମିଳିନାହିଁ। ଭତ୍ତା ପାଇଁ ଆବେଦନ କରିବାକୁ ପ୍ରମାଣପତ୍ର ମଧ୍ୟ ନ ଥିବା ସେ କହିଛନ୍ତି। ଏଭଳିଭାବେ ଅନେକ ଦିବ୍ୟାଙ୍ଗ ଜିଲା ମୁଖ୍ୟ ଡାକ୍ତରଖାନାକୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆସି ହଟହଟାର ସମ୍ମୁଖୀନ ହୋଇଥିଲେ। ଏ ନେଇ ଅତିରିକ୍ତ ଜିଲାପାଳ ମିର୍ଜା ଟପ୍ପୋ କହିଛନ୍ତି, ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଏକ ନିର୍ଦ୍ଧାରିତ ସମୟ ରହିଛି । ସେମାନେ କେଉଁ କାରଣରୁ ପ୍ରମାଣପତ୍ର ପାଇଲେ ନାହିଁ, ତାହା ବୁଝି ବିହିତ ପଦକ୍ଷେପ ନିଆଯିବ।

## ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ: ପପଙ୍ଗା ଚାମ୍ପିୟନ

**ବିନିକା, ୨।୯(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାପ ଅଧୀନ ସାରଙ୍ଗପାଲି ମା’ ମେଟାକାନୀ କ୍ଲବ ପକ୍ଷରୁ ଗୁରୁବାର ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଗୁରୁବାର ଏହି ଟୁର୍ନାମେଣ୍ଟରେ ମୋଟ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ । ଦଳଗୁଡିକ ହେଲା ଆଖିଦାଦର, ପପଙ୍ଗା, ବାବୁପାଲି, ଏମ୍‌ଏସ୍‌ଏସ୍ କ୍ଲବ ଡୁରୁମ, ବାଙ୍କିଘିର୍ଡି, ଲୋକାଲବୟ, ହାଟଗାଁ ଓ ଚେରୁପାଲି । ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ଖେଳ ପପଙ୍ଗା ଓ ଏମଏସ୍‌ଏସ କ୍ଲବ ଡୁରମ ମଧ୍ୟରେ ହୋଇଥିଲା । ଏଥିରେ ପପଙ୍ଗା ଦଳ ପ୍ରତିପକ୍ଷ ଏମଏସଏସ କ୍ଲବ ଡୁରୁମ ଦଳକୁ ୨-୦ ରେ ପରାଜିତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଦ୍ୱିତୀୟ ସେମିଫାଇନାଲ ଖେଳ ଲୋକାଲ ବୟ ଓ ହାଟଗାଁ ମଧ୍ୟରେ ହୋଇଥିଲା । ଏଥିରେ ଲୋକାଲବୟ ଦଳ ପ୍ରତିପକ୍ଷ ହାଟଗାଁ ଦଳକୁ ୧-୦ରେ ପରାସ୍ତ କରି ବିଜୟୀ ହୋଇଥିଲା । ପରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ପପଙ୍ଗା ଓ ଲୋକାଲ ବୟ ମଧ୍ୟରେ ହୋଇଥିବା ବେଳେ ପପଙ୍ଗା ଦଳ ପ୍ରତିପକ୍ଷ ଲୋକାଲବୟ ଦଳକୁ ୧-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମାନସ ବେହେରା ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ଘୋଷିତ ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ଜିକୁ ବଡପଣ୍ଡା ,ଆନନ୍ଦ ଭୁଏ ଓ ରାଜୀବ ଭୁଏ। ଟୁର୍ନାମେଣ୍ଟ ଆୟୋଜନରେ ଶାନ୍ତନୁ, ବୁଲୁ, ନରେନ୍ଦ୍ର, ଦୀପକ, ଆଶିଷ ଓ ବିପ୍ଳବ ରଞ୍ଜନ ଦାଶ ସହଯୋଗ କରିଥିଲେ।

# ମରୁଡ଼ି ଅଞ୍ଚଳ ପରିଦର୍ଶନ କଲେ ଭାଜପା ପ୍ରତିନିଧି ଦଳ

**ଦେଓଗାଁ/ସଇଁତଳା, ୨।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ଓ ଦେଷଣ୍ଡ ପଞ୍ଚାୟତ ଅଞ୍ଚଳକୁ ଗୁରୁବାର ରାଜ୍ୟ ଭାଜପାର ଏକ ପ୍ରତିନିଧିଦଳ ପରିଦର୍ଶନ କରିଛନ୍ତି । ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜ୍ୟ ପ୍ରବକ୍ତା ବିରଞ୍ଚ ତ୍ରିପାଠୀ, ରାଜ୍ୟ କୃଷକମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ, ଜିଲା କୃଷକ ମୋର୍ଚ୍ଚା ସଭାପତି ମାଧବ ସାଏ, ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି ସାମିଲ ଥିଲେ। ପ୍ରତିନିଧି ଦଳ ରାମଚନ୍ଦ୍ରପୁର ଓ ଦେଷଣ୍ଡ ପଞ୍ଚାୟତର ବିଭିନ୍ନ ଗାଁକୁ ଯାଇ ଚାଷୀଙ୍କ କ୍ଷେତ ପରିଦର୍ଶନ କରିଥିଲେ । ଅନେକ ଚାଷୀ ଏ ପର୍ଯ୍ୟନ୍ତ ପହ୍ଲା ରୋଇ ପାରି ନାହାନ୍ତି। ପାଣି ଅଭାବରୁ ଚାଷ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ପ୍ରତିନିଧି ଦଳ ଦେଖିବାକୁ ପାଇଥିଲେ। ଯେଉଁ ଜମିରେ ଚାଷ ହୋଇଥିଲା ବର୍ତ୍ତମାନ ପାଣି ଅଭାବରୁ ତାହା ମରିବାକୁ ବସିଛି। ବାସ୍ତବ ସ୍ଥିତି ଦେଖିବା ପରେ ନେତୃବୃନ୍ଦ ଏହି ବ୍ଲକକୁ ସମ୍ପୂର୍ଣ୍ଣରୂପେ ମରୁଡି ଘୋଷଣା କରିବା ପାଇଁ ସରକାରଙ୍କୁ ଅବଗତ କରାଯିବ ବୋଲି କହିଥିଲେ। ଏମପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ମଣ୍ଡଳ ସଭାପତି ବାସୁଦେବ ସିଂ ନିନା, ଯୁବମୋର୍ଚ୍ଚା ଜିଲା ଉପସଭାପତି ଭୋଳାନାଥ ସାହୁ, ଜୟ ପ୍ରକାଶ ପଟେଲ, ପିଙ୍କୁ ଷାଣ୍ଡ ପ୍ରମୁଖ ଗସ୍ତ ସମୟରେ ଉପସ୍ଥିତ ଥିଲେ ।

ପ୍ରତିନିଧି ଦଳ ସଇଁତଳା ବ୍ଲକ ଜୁରାବନ୍ଧ ପଞ୍ଚାୟତର ଢୁକେରଚରଚରା ଓ ଟିକ୍ରାପଡ଼ା ଯାଇ ମରୁଡ଼ି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏମ୍‌ପି ସିଂଦେଓ ବଲାଙ୍ଗୀର ଜିଲାକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବେ ବୋଲି କହିଥିଲେ।



ଭାଜପା ନେତୃବୃନ୍ଦ ସଇଁତଳା ବ୍ଲକ ଟିକ୍ରାପଡା ଅଞ୍ଚଳର ମରୁଡି ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

# ଟର୍ଚ୍ଚ ମାରି ମରୁଡ଼ି କ୍ଷେତ୍ର ପରିଦର୍ଶନ କଲେ ଭାଜପା ପ୍ରତିନିଧି ମଣ୍ଡଳୀ

**ବାଉଁଶୁଣୀ, ୨।୯(ଡି.ଏନ.ଏ.)**

ବୁଧବାର ରାତିରେ ରାଜ୍ୟ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମନମୁଣ୍ଡା ଅଞ୍ଚଳକୁ ଯାଇ ସେଠାକାର ମରୁଡି ପରିସ୍ଥିତିରେ ଅନୁଧ୍ୟାନ କରିଛନ୍ତି। ଏହି ମଣ୍ଡଳୀ ରାତି ୮ଟାରେ ମନମୁଣ୍ଡାରେ ପହଞ୍ଚିଥିଲେ। ହେଲେ ରାତି ହେତୁ ଟର୍ଚ୍ଚ ମାରି ଚାଷଜମି ଦେଖିବା ନେଇ ଚର୍ଚ୍ଚାର ବିଷୟ ହୋଇଛି । ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ମଣ୍ଡଳୀ ବୌଦ୍ଧ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ମନମୁଣ୍ଡା ଠାରେ ପହଞ୍ଚିବା ବେଳକୁ ରାତି ହୋଇଯାଇଥିଲା। ଏହି ଦଳରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ, ଭାଜପା ରାଜ୍ୟ ପ୍ରବକ୍ତା ବିରଞ୍ଚି ତ୍ରିପାଠୀ, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଘ, ବରିଷ୍ଠ ଭାଜପା ନେତା ରଞ୍ଜନ ପଟେଲ, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସମ୍ପାଦକ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ମରୁଡି ଅଞ୍ଚଳ ବୁଲି ଦେଖିଥିଲେ। ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇ ମରୁଡି ଅଞ୍ଚଳର ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଉଦ୍ୟମ କରିବେ ବୋଲି ପୂର୍ବତନ ମନ୍ତ୍ରୀ ସାମଲ ପ୍ରକାଶ କରିଛନ୍ତି।ସ୍ଥାନୀୟ ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ନାରାୟଣ କର୍ମୀ, ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ଶିବ କମ୍ପ ଓ ଉମ୍ବରୁଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଜମି ଜବରଦଖଲ, ତହସିଲଦାରଙ୍କୁ ଫେରାଦ

**ବରଗଡ଼ ଅଫିସ୍, ୨।୯**

ବରଗଡ଼ ତହସିଲ ଅଧୀନ ବେହେରା ବଜାର ପାର୍ଶ୍ୱରେ ଥିବା ଗୋଚର ଜମିକୁ କିଛି ଲୋକ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଗୁରୁବାର ସ୍ଥାନୀୟ ଗ୍ରାମବାସୀ ବରଗଡ଼ ତହସିଲଦାର ସଞ୍ଜୀବ ମେହେରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଜବରଦଖଲକାରୀଙ୍କ କବ୍‌ଜାରେ ଥିବା ସେହି ଜାଗାରେ ବହୁପୂର୍ବରୁ ଅଞ୍ଚଳର ଗରିବ ଲୋକେ ୪ଡେସିମିଲ ଲେଖାଏଁ ଜମି ପାଇଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ହାତ କରି କିଛି ଲୋକ ସେହି ଜମି ନିଜ କବ୍‌ଜାକୁ ନେଇଛନ୍ତି । ସମ୍ପୃକ୍ତ ଜବରଦଖଲକାରୀମାନେ ଜମି ପାଇଥିବା ଗରିବ ଲୋକଙ୍କୁ ସେଠାକୁ ପଶିବାକୁ ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ସେହି ଜମିକୁ ପଶିଲେ ହତ୍ୟା ଧମକ୍ ଦେଉଥିବା ଅଭିଯୋଗ ହୋଇଛି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଗୌରଚନ୍ଦ୍ର ଭୋସାଗର, ଶିବାନୀ ଭୋସାଗର, ସୁରେନ୍ଦ୍ର ପ୍ରଧାନ, ବିଜୟ କୁମାର ସାହୁ, ବଳିଷ୍ଠ ସାହୁ ପ୍ରମୁଖ ସେମାନେ ତହସିଲଦାରଙ୍କୁ ନିବେଦନ କରିଛନ୍ତି ।



ତହସିଲଦାରଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀବୃନ୍ଦ।

# ଅଭିଯୁକ୍ତ ଗିରଫ ନ ହେଲେ ବରଗଡ଼ ବନ୍ଦ

**ବରଗଡ଼ ଅଫିସ୍, ୨।୯**




ଖବରଦାତା ସମ୍ମିଳନୀରେ ଭୀମ୍ ଆର୍ମିର ନେତୃବୃନ୍ଦ।

**ଗଣବଳାତ୍କାର, ଘରପୋଡ଼ି ମାମଲାରେ ତେଜିଲା ଆନ୍ଦୋଳନ**

ବରଗଡ଼ ଜିଲା ଗାଇସିଲେଟ ଥାନା ଅଞ୍ଚଳରେ ସଂଘଟିତ ଗଣବଳାତ୍କାର, ଘରପୋଡ଼ି ମାମଲାରେ ୧୨ଜଣ ଅଭିଯୁକ୍ତ ଅଛନ୍ତି। ପୋଲିସ ଏହି ମାମଲାରେ ୭ଜଣଙ୍କୁ ଗିରଫ କରିଛି। ଅନ୍ୟ ୫ଜଣ ଏପର୍ଯ୍ୟନ୍ତ ଗିରଫ ହୋଇପାରି ନାହାନ୍ତି। ଫଳରେ ଏହାକୁ ନେଇ ଆନ୍ଦୋଳନ ଜୋର୍ ଧରିଛି। ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଆସନ୍ତା ୮ଦିନ ମଧ୍ୟରେ ଉକ୍ତ ମାମଲାର ଅନ୍ୟ ୫ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ବରଗଡ଼ ବନ୍ଦ ଡାକରା ଦିଆଯିବ ବୋଲି ଗୁରୁବାର ବରଗଡ଼ ସାମ୍ବାଦିକ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୀମ୍ ଆର୍ମି ଚେତାବନୀ ଦେଇଛି ।

ଖବରଦାତା ସମ୍ମିଳନୀରେ ଭୀମ୍ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣ ସୂଚନା ଦେଇଥିଲେ, ଗାଇସିଲେଟ ଥାନା ଅଞ୍ଚଳରେ ସଂଘଟିତ ଗଣବଳାତ୍କାର, ଘରପୋଡ଼ି ମାମଲା ଭଳି ସମ୍ବେଦନଶୀଳ ଘଟଣା ରାଜ୍ୟରେ ନୂଆ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ମାମଲାରେ ୧୨ଜଣ ସମ୍ପୃକ୍ତ ଅଛନ୍ତି। ପୋଲିସ ୭ଅଭିଯୁକ୍ତଙ୍କୁ ଗିରଫ କରି ହାତ ବାନ୍ଧି ବସିଛି ଏବଂ ଚାପର ବଶବର୍ତ୍ତୀ ହୋଇ ଅନ୍ୟ ୫ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଏପରିକି ଏହି ଘଟଣା ନେଇ ଭୀମ୍ ଆର୍ମି ନେତୃତ୍ୱରେ ମହିଳାମାନେ ବରଗଡ଼ ପୋଲିସ ମୁଖ୍ୟାଳୟକୁ ଆସିଥିଲେ। ମାତ୍ର ଏସ୍‌ପି ଉପସ୍ଥିତ ଥାଇ ସୁଦ୍ଧା କାର୍ଯ୍ୟାଳୟ ଫାଟକରେ ଧାରଣାରେ ବସିଥିବା ମହିଳା ପୁରୁଷଙ୍କୁ ଦୀର୍ଘ ସମୟ ଧରି ଭେଟିବାକୁ ସମୟ ନ ଦେବା ଦୁର୍ଭାଗ୍ୟଜନକ ଏବଂ ଅପମାନବୋଧ ଭଳି ହୋଇଛି ବୋଲି ଲଙ୍କେଶ କହିଛନ୍ତି। ଦଳିତଙ୍କ ପ୍ରତି ଏଭଳି ଅତ୍ୟାଚାରକୁ ବରଦାସ୍ତ କରାଯିବନାହିଁ। ଏହାର ପ୍ରତିବାଦରେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ସେ ଚେତାବନୀ ଦେଇଥିଲେ। ଭୀମ ଆର୍ମିର ଉପସଭାପତି ଆଶିଷ ରଞ୍ଜନ ନାଏକ, ସାଧାରଣ ସମ୍ପାଦକ ଜଗଜୀବନ କୁମାର, ଯୁଗ୍ମ ସମ୍ପାଦକ ବଣ୍ଟି ବାଗ, ଆଶିଷ ସୁନା, ପଞ୍ଚାନନ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

